୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

Vol.27. No.60 Bhubaneswar Saturday April 12 2025 | ୨୭ତମ ବର୍ଷ ସଂଖ୍ୟା–୬୦ ଭୁବନେଶ୍ୱର, ଶନିବାର, ଅପ୍ରେଲ ୧୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

# ଲିଙ୍ଗରାଜ ମହୋତ୍ସବ ଉଦ୍‌ଯାପନ ଦିବସରେ ସନ୍ଧ୍ୟା ଚିତ୍ତାକର୍ଷକ ନୃତ୍ୟ






ଭୁବନେଶ୍ୱର,୧୧।୪(ପି.ଏନ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଉଦ୍ ?ଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରଥମେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଓ ସାଥୀଙ୍କ ଦ୍ୱାରା ଓଡିଶୀ ନୃତ୍ୟରେ ପରିବେଷଣ କରିଥିଲେ । ପରେ ହାସ୍ୟ ଅଭିନେତା ପପୁ ପମପମ କମେଡି କରିଥିଲେ । ପରେ ଓଡିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡିଶୀ ନୃତ୍ୟ, ଶିଳ୍ପୀକା ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ, ପରେ କୋଲକାତାର ଆଦି ନୃତ୍ୟ କଳା ଏକାଡେମୀ ପକ୍ଷରୁ କ୍ରିଏଟିଭ ନୃତ୍ୟ, ଟୁବୁଲା ଦାସଙ୍କ ନିର୍ଦ୍ଦେଶନାରେ କ୍ରିଏଟିଭ ନୃତ୍ୟ, ପରେ ଅସାମର ରୁପମ ଶର୍ମା ଓ ସାଥୀଙ୍କ ଦ୍ୱାରା ବିହୁ ନୃତ୍ୟ ଓ ଶେଷରେ ପଦ୍ମଶ୍ରୀ ଗୁରୁ ଉତ୍ସବ ଦାସଙ୍କ ଘୋଡା ନାଚ ମନ ମୁଗ୍ଧ କରିଥିଲା । ଏଥିରେ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ସାଂସଦ ତଥା ଇଷ୍ଟର୍ଣ୍ଣ ମିଡ଼ିଆ ଅଧକ୍ଷ ସୋମ୍ୟ ରଞ୍ଜନ ପଟ୍ଟନାୟକ, ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦେବ, ବରିଷ୍ଠ ବିଜେପି ନେତା ତଥା ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ସଭାପତି ସମୀର ମହାନ୍ତି, ପୂର୍ବତନ ମୁମ୍ବାଇ କମିଶନର ଅରୂପ ପଟ୍ଟନାୟକ, ରାଷ୍ଟ୍ରୀୟ ପତ୍ରକାର ମହାସଂଘ ସଭାପତି ଡ଼ ପବିତ୍ର କୁମାର ସାମନ୍ତରାୟ, ଏମବିଶି ଟିଭି ମୁଖ୍ୟ ବଦ୍ରି ପଟ୍ଟନାୟକ, ଭି ନାଗେଶ୍ୱର ରାଓ, ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଏଥିରେ ଅନୁଷ୍ଠାନର କୋଷାଧକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ରଶ୍ମି ମହାପାତ୍ର, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥିମାନେ କଳାକାରଙ୍କୁ ଓ ରୁକୁଣା ରଥ ନିର୍ମାଣ କରିଥିବା ମହାରଣା ସେବାୟତ, ଖରଡା ସେବାୟତ, ଦର୍ଜି ସେବାୟତ, ଆପଟିଆ ସେବାୟତ, ପୂଜପଣ୍ଡା ନିଯୋଗ, ବଢୁ ନିଯୋଗ, ବ୍ରାହ୍ମଣ ନିଯୋଗ, ସମର୍ଥା ନିଯୋଗ ପ୍ରତିନିଧି, ଲିଙ୍ଗରାଜ ମହାପ୍ରଭୁଙ୍କ ପ୍ରଚାର ପାଇଁ ସୁଶାନ୍ତ କୁମାର ସେଠୀ, ରଥ କଲେସୀ ବାବୁ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିଜେପି ବିରୋଧରେ ଆରପାର ଲଢ଼େଇ ; ସଂକଳ୍ପ, ସଂଘର୍ଷ ଓ ସମର୍ପଣକୁ ନେଇ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ



ଭୁବନେଶ୍ୱର,୧୧।୪(ପି.ଏନ): କଂଗ୍ରେସର ନୂଆ ସଂକଳ୍ପ । ମହାଅଧିବେଶନରେ ନେତାଙ୍କୁ ମିଳିଛି ଗୁରୁମନ୍ତ୍ର । ଏଣିକି ବିଜେପି ବିରୋଧରେ ଲଢେଇ ଆରପାର । ଖୁବଶୀଘ୍ର ରାସ୍ତାକୁ ଓହ୍ଲାଇବ ଦଳ । ଜାତିଭିତ୍ତିକ ଜନଗଣନା, ବେକାରୀ ସମସ୍ୟା, ଦଳିତ ଆଦିବାସୀଙ୍କୁ ସୁରକ୍ଷା, ଦରଦାମ ବୃଦ୍ଧି, ମହିଳାଙ୍କୁ ନିର୍ଯାତନା ପ୍ରସଙ୍ଗକୁ ନେଇ ବିଜେପି ସରକାରକୁ ଘେରିବ କଂଗ୍ରେସ । ଅହମ୍ମଦାବାଦରେ ଅନୁଷ୍ଠିତ କଂଗ୍ରେସର ମହାଅଧିବେଶନରେ ଏନେଇ ପ୍ରସ୍ତୁତ ହୋଇଛି ଲମ୍ବା ଖସଡା । ତେଲେଙ୍ଗାନା ପରି କଂଗ୍ରେସ ଶାସିତ ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରାଯାଇ ଯାହାର ସଂଖ୍ୟା ଯେତେ ତାହା ଭାଗ ସେତେ ଦାବିପୂରଣ କରିବ କଂଗ୍ରେସ । ତେଲେଙ୍ଗାନା ପରି ଓଡିଶାରେ ଜାତିଭିତ୍ତିକ ଜନଗଣନା ଲାଗି ରାଜ୍ୟ ସରକାର ଉପରେ ଚାପ ପକାଇବ କଂଗ୍ରେସ ।ଏହାସହ ରାଜ୍ୟରେ ଦଳିତ, ଆଦିବାସୀଙ୍କ ଉପରେ ବଢିଚାଲିଥିବା ଅତ୍ୟାଚାର ବିରୋଧରେ ମଧ ସ୍ୱର ଉଠାଇବ ଦଳ ।ପେଶା ଆଇନ ଲାଗି ସହ ଆଦିବାସୀମାନଙ୍କୁ ଜଙ୍ଗଲ, ଜମି ଅଧିକାର ଦେବାକୁ କଂଗ୍ରେସ ବିଜେପିକୁ ଦାବି କରିବ । ୯ ମାସର ବିଜେପି ସରକାରରେ ରାଜ୍ୟ ମହିଳା ଓ ନାବାଳିକା ଅସୁରକ୍ଷିତ । ସେମାନଙ୍କୁ ସୁରକ୍ଷା ଦେବାକୁ କଂଗ୍ରେସର ଲମ୍ବା ଲଢେଇ ଜାରି ରହିବ ବୋଲି କହିଛନ୍ତି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ।ବର୍ଷକୁ ୨ କୋଟି ନିଯୁକ୍ତି ଦେବାର ସ୍ୱପ୍ନ ଦେଖାଇ ବିଜେପି ସରକାର ଯୁବପିଢିଙ୍କୁ ଠକିଥିବା ଅଭିଯୋଗ କରିଛି କଂଗ୍ରେସ । ବେକାରୀ ବୃଦ୍ଧି ପାଉଥିବାରୁ ଦାଦନ ସଂଖ୍ୟା ମଧ ବଢିଛି ।ତେଣୁ ବିଜେପିର ନିର୍ବାଚନୀ ପ୍ରତିଶୃତି କୁଆଡେ ଗଲା ବୋଲି ଗାଁକୁ ଗାଁ ବୁଲି ଆନ୍ଦୋଳନ ମାଧମରେ ପ୍ରଶ୍ନ କରିବ କଂଗ୍ରେସ । ଦରଦାମ ବୃଦ୍ଧିରୁ ହନ୍ତସନ୍ତ ହେଉଛନ୍ତି ଲୋକେ ।ଏହା ବିରୋଧରେ କଂଗ୍ରେସ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି । ପ୍ରତିବାଦ କଲେ ବିଜେପି ସରକାର ମାମଲା ରୁଜୁ କରୁଛି । ଏହା ବିରୋଧରେ ଆଗାମୀ ଦିନରେ ସ୍ୱର ଉତ୍ତୋଳନ କରାଯିବ ।ଇଓଉଡ ମହାଅଧିବେଶନରେ ଓଡ଼ିଶା କଂଗ୍ରେସର ୪୮ ଜଣ ସଦସ୍ୟ ଗୁରୁମନ୍ତ୍ର ନେଇ ଓଡିଶା ଫେରିଛନ୍ତି । ଆସନ୍ତା ୧୫ରେ କଂଗ୍ରେସ ବ୍ଲକ ଘେରାଉ ଓ ୨୧ ତାରିଖରେ ଜିଲ୍ଲାପାଳ ଅଫିସ ଘେରାଉ କରି ମହିଳାମାନଙ୍କୁ ନ୍ୟାୟ ଦେବାକୁ ଦାବି କରିବ ଦଳ ।

## ଆୟୁଷ୍ମାନକୁ ନେଇ ବିଜେଡିର ପ୍ରଶ୍ନ ; କେମିତି କଟିଲେ ୫ଲକ୍ଷ ହିତାଧିକାରୀ ହିସାବ ଦିଅନ୍ତୁ ସରକାର

ଭୁବନେଶ୍ୱର,୧୧।୪(ପି.ଏନ): ରାଜ୍ୟରେ ବିଜେପି ସରକାରର ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି । ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜୁ ଜନତା ଦଳ । ଯୋଜନାକୁ ନେଇ ଅନେକ ପ୍ରଶ୍ନ ଉଠାଇଛି ବିଜେଡି । ବିଜୁ ଜନତା ଦଳର ସରକାର ସମୟରେ ଈଝକଣରେ ରାଜ୍ୟର ୩ କୋଟି ୫୬ ଲକ୍ଷ ହିତାଧିକାରୀଙ୍କୁ ଚିକିତ୍ସା ସେବା ଯୋଗାଇ ଆସୁଥିଲେ ତତ୍କାଳୀନ ସରକାର । କିନ୍ତୁ ଆଜିଠାରୁ ରାଜ୍ୟର ବିଜେପି ସରକାର ଲାଗୁ କରିଥିବା ଆୟୁଷ୍ମାନ ଭାରତ ଯୋଜନାରେ ବାଦ ପଡିଛନ୍ତି ୫ ଲକ୍ଷ ହିତାଧିକାରୀ ।ମୋଟ ୩ କୋଟି ୫୧ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ । ଅନେକ ଲୋକ ଯୋଜନାରୁ ବାଦ ପଡିଛନ୍ତି । କେମିତି କାଟିଲେ ତାର ହିସାବ ବିଜେପି ସରକାର ଦେଉ ବୋଲି ଦାବି କରିଛି ବିଜେଡି ।ଆୟୁଷ୍ମାନ ଯୋଜନାରେ କେନ୍ଦ୍ରରୁ ଟଙ୍କା ପାଇବାରେ ବିଳମ୍ବ ହେଲେ ସ୍ୱାସ୍ଥ୍ୟସେବା ବ୍ୟାଘାତ ହେବ ।

## ଆୟୁଷ୍ମାନ ଭାରତକୁ ନେଇ ଦ୍ୱନ୍ଦ୍ୱ : ରାଜ୍ୟ ସରକାରଙ୍କୁ କଡା ସମାଲୋଚନା

ଭୁବନେଶ୍ୱର,୧୧।୪(ପି.ଏନ):ରାଜ୍ୟରେ ବିଏସକେୱାଇ ବଦଳରେ ଆୟୁଷ୍ମାନ ଭାରତ ଲାଗୁ କରିବାକୁ ସିପିଆଇଏମର ତୀବ୍ର ସମାଲୋଚନା । ବିଜେଡି ସରକାର ବେଳେ ସ୍ୱତନ୍ତ୍ର ଯୋଜନାରେ ବିଏସକେୱାଇ ଅଣାଯାଇଥିଲା । ଯୋଜନାରେ ଅନେକ ଗରିବ ଉପକୃତ ହେଉଥିଲେ । କିନ୍ତୁ ବିଜେପି ସରକାର ଆୟୁଷ୍ମାନ ଯୋଜନା ଲାଗୁ କରୁଛି । ବିଏସକେୱାଇ ଯୋଜନରେ ସମସ୍ତେ ସାମିଲ ହେଉଥିଲେ ଓ କ୍ୟାସଲେସର ସୁବିଧା ପାଉଥିଲେ । ତେଣୁ ଆୟୁଷ୍ମାନ ଯୋଜନାକୁ ନେଇ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ।ସେପଟେ ଆୟୁଷ୍ମାନ ଭାରତ ଲାଗୁ କରିବାକୁ ନେଇ ରାଜ୍ୟ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ଅମର ପ୍ରଧାନ । ବିଏସକେୱାଇ କାର୍ଡ଼ରେ ରୋଗୀଟିଏ ଗଲେ ଘରୋଇ ଡାକ୍ତରଖାନା ଗୁଡିକ ଆଗ୍ରହର ସହ ଚିକିତ୍ସା କରୁଥିଲେ । କିନ୍ତୁ ଆୟୁଷ୍ମାନ ଭାରତ କାର୍ଡରେ ଘରୋଇ ହସ୍ପିଟାଲ ରୋଗୀଙ୍କୁ ଚିକିତ୍ସା ଦେବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ । ସାଧାରଣ ଲୋକ ଏଭଳି ନିଷ୍ପତ୍ତି ଯୋଗୁଁ ବହୁ ହଇରାଣ ହେବେ । ସରକାର ଏହି ନୂଆ ବ୍ୟବସ୍ଥାରେ ଆଗେ ଅର୍ଥ ଡିପୋଜିଟ କରନ୍ତୁ ଓ ଲୋକମାନଙ୍କୁ କିଭଳି ଘରୋଇ ହସ୍ପିଟାଲ ବିଭିନ୍ନ ଆଳ ଦେଖାଇ ଫେରାଇଦେବେ ନାହିଁ ସେ କଥାକୁ ବିଚାର କରିବାକୁ ଦାବି କରିଛନ୍ତି । ସେପଟେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଓଡିଶାବାସୀ ଉପକୃତ ହେଉଥିଲେ । ଆୟୁଷ୍ମାନ ଯୋଜନା ଭଲ ନୁହେଁ ବୋଲି ପୂର୍ବ ସରକାର ଏହାକୁ ଲାଗୁ କରିନଥିଲେ ।

## ସରକାର ବଦଳିବା ପରେ ବ୍ୟାରେଜ କାମ ବନ୍ଦ : ଫେରିଗଲା ୧୨ ଶହ କୋଟି ଟଙ୍କା

ବଲାଙ୍ଗୀର,୧୧।୪(ପି.ଏନ): ଟିଟିଲାଗଡ଼ ନିର୍ବାଚନମଣ୍ଡଳିରେ ବହି ଯାଉଥିବା ବିଭିନ୍ନ ନଦୀ ଉପରେ ବ୍ୟାରେଜ ନିର୍ମାଣ ହେବ ଓ ଚାଷୀମାନଙ୍କୁ ଜଳସେଚନ ବ୍ୟବସ୍ଥା ଯୋଗାଇ ଦିଆଯିବ । ଏହି ଉଦ୍ଦେଶ୍ୟ ରଖି ପୂର୍ବ ସରକାର ୭ଟି ପ୍ରକଳ୍ପର ଟେଣ୍ଡର ଆହ୍ୱାନ କରିଥିଲେ । ହେଲେ ସରକାର ବଦଳିଯିବା ପରେ ଏବେ ପ୍ରକଳ୍ପ ବନ୍ଦ ହୋଇଯାଇଛି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଟିଟିଲାଗଡ଼ ନିର୍ବାଚନୀମଣ୍ଡଳିର ବିଭିନ୍ନ ନଦୀ ଉପରେ ନିର୍ମାଣ ହୋଇଥାନ୍ତା ବ୍ୟାରେଜ । ଏଥିପାଇଁ ଯୋଜନା ପ୍ରସ୍ତୁତ କରି ଟେଣ୍ଡର ଆହ୍ୱାନ କରିଥିଲେ ପୂର୍ବ ସରକାର । ଚାଷ ଜମିକୁ ଜଳସେଚନ ଉଦ୍ଦେଶ୍ୟରେ ୭ଟି ଆଇଏସଏସ ପ୍ରକଳ୍ପକୁ ଅନୁମୋଦନ କରିଥିଲେ । ଗୁଡ଼ଭେଲା, କୁରଶୁଡ, ସଇଁତଳା, ଟିଟିଲାଗଡ଼ ବ୍ଲକର ବିଭିନ୍ନ ନଦୀ ଓ ନାଳ ଉପରେ ବ୍ୟାରେଜ ନିର୍ମାଣ ହୋଇ ଜଳ ସଂରକ୍ଷଣ ହୋଇଥାନ୍ତା । ହେଲେ ଏବେର ସରକାର ଏହି ସମସ୍ତ ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଉନାହାନ୍ତି । ଯାହାପାଇଁ ପ୍ରକଳ୍ପ ଗୁଡ଼ିକ ଏକର ପ୍ରକାର ବନ୍ଦ ହୋଇଯାଇଛି । ଯାହା ଫଳରେ ଚାଷୀ ଓ ସ୍ଥାନୀୟ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବ୍ୟାରେଜ ନିର୍ଣାଣ ହୋଇଥିଲେ ଟିଟିଲାଗଡ଼ ଚାଷୀଙ୍କ ଜଳସେଚନ ସମସ୍ୟାର ସମାଧାନ ହୋଇଥାନ୍ତା । ଫସଲକୁ ପାଣି ମିଳିପାରିଥାନ୍ତା । ହେଲେ ପ୍ରକଳ୍ପ ବନ୍ଦ ନେଇ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ ବିଧାୟିକା ଟୁକୁନି ସାହୁ । ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ୭ଟି ସ୍ଥାନରେ ବ୍ୟାରେଜ ନିର୍ମାଣ ପାଇଁ ୧୨୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ବନ୍ଦ ଯୋଗୁଁ ଫେରିଯାଇଛି ୧୨ ଶହ କୋଟି ଟଙ୍କା । ନୂଆ ସରକାର କେବଳ ରଙ୍ଗ ବଦଳା ରାଜନୀତି କରୁଛନ୍ତି ଓ ପିସି କାରବାରରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ କରିବା ସହିତ ଅଞ୍ଚଳର ବିକାଶ ଉପରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ଅନ୍ୟପଟେ ଯାନ୍ତ୍ରିକ ତ୍ରୁଟିରୁ ପ୍ରୋଜେକ୍ଟ ବନ୍ଦ ହୋଇଛି ବୋଲି କହିଛନ୍ତି ଅଧିକ୍ଷକ ଯନ୍ତ୍ରୀ ।ଚାଷୀଙ୍କ ସୁବିଧା ପାଇଁ ଜମିକୁ ଜଳସେଚନ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଥିଲେ ପୂର୍ବ ସରକାର । ହେଲେ ଯୋଜନାକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁଁ ଜଳସେଚନ ସୁବିଧାରୁ ବଞ୍ଚିତ ରହିଛନ୍ତି ଟିଟିଲାଗଡ଼ ଚାଷୀ ।

## ନବୀନଙ୍କ ଶାସନରେ ହୋଇଥିଲା ଆଇଓସିଏଲ କିଛି ନକରି ମାଗଣାରେ ଶ୍ରେୟ ନେବାକୁ ଚେଷ୍ଟା କରୁଛି ବିଜେପି




ଭୁବନେଶ୍ୱର,୧୧।୪(ପି.ଏନ): ପ୍ରକଳ୍ପ ନବୀନ ପଟ୍ଟନାୟକଙ୍କ ସରକାର ଅମଳର । ୨୦୧୯ରେ ଆଇଓସିଏଲର ୧ ଲକ୍ଷ କୋଟି ପୁଞ୍ଜିନିବେଶଙ୍କୁ ମିଳିଥିଲା ଗ୍ରୀନ ସିଗନାଲ । ସବୁଜ ସଙ୍କେତ ସହ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ତତ୍କାଳୀନ ବିଜେଡି ସରକାର । ଏଥିରେ ପାରାଦୀପ ରିଫାଇନାରୀ ପ୍ରକଳ୍ପର ଉତ୍ପାଦନ ୧୫ ଏମଟିପିଏରୁ ୨୫ ଏମଟିପିଏ ପାଇଁ ସଂପ୍ରସାରଣ ସାଙ୍ଗକୁ ନାଫଥା କ୍ରାକର ୟୁନିଟ ଏବଂ ପଲିପ୍ରପଲିନ ୟୁନିଟ ପ୍ରତିଷ୍ଠା ହୋଇଥାନ୍ତା । ପୁଞ୍ଜି ନିବେଶର ସମସ୍ତ ପ୍ରକ୍ରିୟା ନବୀନ ପଟ୍ଟନାୟକଙ୍କ ସରକାର ଅମଳରୁ ସରିଥିଲେ ବି ପ୍ରଚାର ସର୍ବସ୍ୱ ବିଜେପି ସରକାର ଏବେ ଦିଲ୍ଲୀରେ ନୂଆ ଚୁକ୍ତିନାମା ସ୍ୱାକ୍ଷର କରି ବାହାବା ନେବାକୁ ଚେଷ୍ଟା କରିଛି । ଏହାକୁ ନେଇ ମୁଣ୍ଡ ଟେକିଛି ନୂଆ ବିବାଦ । ନବୀନ ସରକାରଙ୍କ ପ୍ରୟାସ, ଯୋଜନା ଓ ନିଷ୍ପତ୍ତିକୁ ବିଜେପି ସରକାର ନିଜ ନାଁରେ କରିବାକୁ ଉଦ୍ୟମ କରିଛି ବୋଲି ବିଜେଡି ଅଭିଯୋଗ କରିଛି । ରଙ୍ଗ ବୋଳା ସରକାରରେ କିଛି ନକରି ଆଉ ଏକ ବାହାବା ନେବାକୁ ଉଦ୍ୟମ କରୁଛି ବୋଲି ବିଜେଡି କହିଛି । ଅଯଥା ଶ୍ରେୟ ନେବାକୁ ବିଜେପି ସରକାର ଉଦ୍ୟମ କରିବା ସହ ରାଜ୍ୟବାସୀଙ୍କୁ ଅନ୍ଧାରରେ ରଖିଛି । ଏହାକୁ ବିଜେଡି କଟାକ୍ଷ କରିବା ସହ ରାଜ୍ୟବାସୀ ସବୁ ଜାଣୁଛନ୍ତି ଓ ବୁଝୁଛନ୍ତି ବୋଲି କହିଛି । ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିବା ପରେ ସବୁ ଜାଗାରେ ନିଜ ଦଳର ରଙ୍ଗ ବୋଳିବା ସହ ନବୀନ ସରକାରଙ୍କ ଯୋଜନାର ନାଁ ବଦଳାଇବାକୁ ପ୍ରୟାସ କରୁଛି । ଲକ୍ଷ୍ମୀ ବସକୁ ମୁଖ୍ୟମନ୍ତ୍ରୀ ବସ୍ ସେବା କରି ଗେରୁଆ ରଙ୍ଗ କରିଛି । ସରକାର କୋଠାବାଡିର ରଙ୍ଗ ମଧ ବଦଳିଛି । ରାସ୍ତାଘାଟରେ ପୂର୍ତ୍ତ ବିଭାଗ ପକ୍ଷରୁ ଲାଗିଥିବା ହୋର୍ଡିଂ ବି ଗେରୁଆ ରଙ୍ଗରେ ପରିଣତ ହୋଇଛି । ନବୀନ ପଟ୍ଟନାୟକଙ୍କ ଅମଳରେ ପାରାଦୀପରେ ଇଣ୍ଡିଆନ ଅଏଲ ରିଫାଇନାରୀ ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ, ସବୁ ପ୍ରକାର ସହଯୋଗ ଦେଇଥିଲେ ବିଜେଡି ସରକାର । ପ୍ରକଳ୍ପର ସଂପ୍ରସାରଣ ସାଙ୍ଗକୁ ନୂଆ ୟୁନିଟ୍ ପାଇଁ ମଧ ନବୀନ ନିଷ୍ପତ୍ତି ନେଇ କାର୍ଯ୍ୟକାରୀ କରିଥିଲେ ।ହେଲେ ବିଜେପି କିଛି ନ କରି କେବଳ ବାହାବା ନେବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛି ବିଜେଡି । ଅପ୍ରତ୍ୟାଶିତ ଭାବେ କ୍ଷମତାକୁ ଆସିଥିବା ବିଜେପି ଏବେ ଶୃଙ୍ଖଳା ଶ୍ରେୟ ନେବା ଚକ୍କରରେ ରହିଛି । ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ କିଛି ନ କରି ପୁରୁଣା ସରକାରଙ୍କ ସଫଳତାକୁ ନିଜ ନାଁରେ ପ୍ରଚାର କରିବାକୁ ଚଳାଇଥିବା ପ୍ରୟାସକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି ।

## ଓଡିଶାକୁ ଖରା ଗରମରୁ ମିଳିବ ଅଶ୍ୱସ୍ତି



ଭୁବନେଶ୍ୱର,୧୧।୪(ପି.ଏନ): କାଳ ବୈଶାଖୀ ଜନିତ ବର୍ଷାରେ ଭିଜୁଛି ଓଡିଶା । ଖରା ଗରମରୁ ମିଳିବ ମୁକ୍ତି । ବିଭିନ୍ନ ଜିଲାରେ ବର୍ଷା ହେବା କାରଣରୁ ଗରମରୁ ଟିକେ ଆଶ୍ୱସ୍ତି ମିଳିବ ବୋଲି କହିଛି ପାଣିପାଗ କେନ୍ଦ୍ର । ମୟୁରଭଞ୍ଜରେ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ବଲାଙ୍ଗିର ଜିଲ୍ଲାରେ ୪୦.୮ ଡିଗ୍ରୀ ଅଧିକ ତାପମାତ୍ରା ରେର୍କଡ କରାଯାଇଛି । ରାଜ୍ୟର ଆହୁରି ଦୁଇଟି ସ୍ଥାନରେ ସମାନ ତାପମାତ୍ରା ୪୦ ଡିଗ୍ରୀ ରହିଛି । ସେପଟେ ଆଗାମୀ ୭ ଦିନ ପାଇଁ ସାରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦେଇଛି ପାଣିପାଗ କେନ୍ଦ୍ର ।ଆଗାମୀ ୨୪ ଘଣ୍ଟାରେ ଦକ୍ଷିଣ ଓଡ଼ଶା କନ୍ଧମାଳ, ଗଞ୍ଜାମ, ରାୟଗଡା, କୋରାପୁଟ, ମାଲାକନଗିରି, ଆଦି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । କାଳବୈଶାଖୀ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି କନ୍ଧମାଳ ଜିଲାମାନଙ୍କରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ସହିତ ୫୦ ରୁ ୬୦ ଡିଗ୍ରୀ ପବନ ବହିବାର ସମ୍ଭାବନା ମଧ ରହିଛି ବୋଲି ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ

## ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର ; ୨% ବଢିଲା ମହଙ୍ଗା ଭତ୍ତା

ଭୁବନେଶ୍ୱର : ବଢ଼ିଲା ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା । ମହଙ୍ଗା ଭତ୍ତା ୨ ପ୍ରତିଶତ ବଢ଼ାଇଛନ୍ତି ରାଜ୍ୟ ସରକାର । ଏହା ଦ୍ୱାରା ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ଜାନୁଆରୀ ପହିଲା ୨୦୨୫ରୁ ପିଚ୍ଛିଲା ଭାବରେ ଲାଗୁ ହେବ । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଏପ୍ରିଲ ମାସ ଦରମାରେ ନଗଦ ଆକାରରେ ମିଳିବ ।ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି । ସେମାନେ ମଧ ଅନୁରୂପ ଭାବେ ଏପ୍ରିଲ ମାସ ପେନ୍‌ସନରେ ଏହି ବର୍ଦ୍ଧିତ






# ନୂଆ ପ୍ରୋଜେକ୍ଟର ପ୍ରଥମ ପୋଷ୍ଟର ସେୟାର କଲେ କାଜଲ



**ଖୁ**ବ୍‌ଶୀଘ୍ର ନିଜର ଅପ୍‌କମିଙ୍ଗ ଫିଲ୍ମର ଟାଇଟଲ୍ ବିଷୟରେ ଖୁଲାସା କରିବେ ‘ସିଂଘମ୍’ ନାୟିକା କାଜଲ ଅଗ୍ରୱାଲ। ଗତ ଶନିବାର ସେ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଅପ୍‌କମିଙ୍ଗ ଫିଲ୍ମର ଏକ ପୋଷ୍ଟର ଶେୟାର କରିଛନ୍ତି। ବର୍ତମାନ ଏହାର ଟାଇଟଲ ରହିଛି ‘କାଜଲ୧୬୦’। ତେବେ ଆଜି ଅର୍ଥାତ୍ ରବିବାର ଫିଲ୍ମର ପ୍ରଥମ ଝଲକ୍ ଓ ଔପଚାରିକ ଟାଇଟଲ୍ ରିଲିଜ୍ ହୋଇଛି। କାଜଲ ଫିଲ୍ମ ବିଷୟରେ ଅଧିକ ତଥ୍ୟର ଖୁଲାସା କରିନାହାନ୍ତି। ଏହା କେଉଁ ଭାଷାରେ ମୁକ୍ତିଲାଭ କରିବ ଏବଂ ଷ୍ଟାରଙ୍କ ବିଷୟରେ ମଧ୍ୟ କିଛି ସୂଚନା ଦେଇନାହାନ୍ତି। ତେବେ ଫିଲ୍ମର ପ୍ରଥମ ପୋଷ୍ଟର ଜାରି କରିବା ପରଠୁ କାଜଲଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟୁଛି। କୁଇନ୍ ଇଜ୍ ବ୍ୟାକ୍ ବୋଲି ଫ୍ୟାନ୍ ଲେଖିଛନ୍ତି। ନିକଟରେ ଏକ ତାମିଲ ହରର ଫିଲ୍ମରେ ନଜର ଆସିଥିଲେ କାଜଲ, ଯାହା ଦର୍ଶକଙ୍କ ମନ ଜିଣିବାରେ ବିଫଳ ହେଲା। ନିର୍ଦ୍ଦେଶକ ଶଙ୍କରଙ୍କ ଅପ୍‌କମିଙ୍ଗ ଫିଲ୍ମ ‘ଇଣ୍ଡିଆନ୍-୨’ରେ ସେ କିମ୍ବଦନ୍ତୀ ତାରକା କମଲ ହାସନଙ୍କ ସହ ନଜର ଆସିବେ। ଏଥିରେ ସିଦ୍ଧାର୍ଥ, ରକୁଲ ପ୍ରୀତ ସିଂହ, ବବି ସମ୍ଭା ଓ ପ୍ରିୟା ଭବାନୀ ଶଙ୍କର ମୁଖ୍ୟ ଭୂମିକାରେ ଅଛନ୍ତି। ୧୯୯୬ ମସିହାରେ ଏହାର ପ୍ରଥମ ଭାଗ ମୁକ୍ତିଲାଭ କରିଥିଲା। ୨୦୧୯ ମସିହାରେ ‘ଇଣ୍ଡିଆନ୍-୨’ର ସୁଟିଂ ଆରମ୍ଭ ହୋଇଥିଲା। ଭାରତରେ ପ୍ରମୁଖ ସିନ୍‌ର ସୁଟିଂ ଶେଷ କରି କିଛି ଖାସ୍ ସିନ୍‌ର ସୁଟିଂ ପାଇଁ ଫିଲ୍ମ ଟିମ୍ ତାଇୱାନ ଯିବାକୁ ଯୋଜନା କରୁଛି।



# ଆଦିପୁରୁଷ ବିବାଦ, ଲେଖକଙ୍କୁ ମିଳିଲା ପୋଲିସ ସୁରକ୍ଷା

**ଚ**ଳଚ୍ଚିତ୍ର ‘ଆଦିପୁରୁଷ’କୁ ନେଇ ଜାରି ରହିଛି ବିବାଦ। ଫିଲ୍ମ ଦେଖାଯାଇଥିବା ଦୃଶ୍ୟ ଏବଂ କିଛି ଡାଇଲଗକୁ ନେଇ ସାରା ଦେଶରେ ବିରୋଧ ପ୍ରଦର୍ଶନ ହେଉଛି। ଫିଲ୍ମ ଲେଖକ ମନୋଜ ମୁନ୍ତାଶିରଙ୍କୁ ରାମାୟଣର କାହାଣୀ ଖରାପ କରିଥିବା ତଥା ଅପମାନିତ କରିଥିବା ନେଇ ଟ୍ରୋଲ କରାଯାଉଛି। ବିବାଦ ବଢ଼ିବା ପରେ ମନୋଜ ମୁନ୍ତାଶିର ମୁମ୍ବାଇ ପୋଲିସକୁ ସୁରକ୍ଷା ମାଗିଛନ୍ତି। ଆଉ ଏବେ ଆସିଥିବା ତାଜ ରିପୋର୍ଟ ଅନୁଯାୟୀ ମନୋଜଙ୍କୁ ସୁରକ୍ଷା ମିଳିଛି। ମନୋଜ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରୁଛନ୍ତି। ପ୍ରକୃତରେ ଫିଲ୍ମର ଡାଇଲଗକୁ ନେଇ ମନୋଜଙ୍କୁ ଲଗାତାର ଟାର୍ଗେଟ କରାଯାଉଛି। ରବିବାର, ଫିଲ୍ମର କିଛି ଡାଇଲଗ ବଦଳାଯିବା ନେଇ ମଧ୍ୟ କହିଥିଲେ ମୁନ୍ତାଶିର। ହେଲେ ଏହାପରେ ବି ବିବାଦ କମିନାହିଁ। ଉଲ୍ଲେଖନୀୟ ଯେ, ପ୍ରଭାସ, କୃତି ସାନନ୍ ଓ ସୈଫ୍ ଅଲୀ ଖାନଙ୍କ ଅଭିନୀତ ଫିଲ୍ମ ଆଦିପୁରୁଷ ଶୁକ୍ରବାର ଅର୍ଥାତ୍ ୧୬ ଜୁନ୍‌ରେ ରିଲିଜ୍ ହୋଇଥିଲା। ଫିଲ୍ମକୁ ନେଇ ଏହି ସମୟରେ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ଫିଲ୍ମଟି ବକ୍ସ ଅଫିସରେ ଧମାକା ତ କରୁଛି, କିନ୍ତୁ ଏଥିରେ ଦେଖାଯାଇ ଥିବା ଦୃଶ୍ୟ ଓ ସଂଳାପକୁ ନେଇ ସାରା ଦେଶରେ ଏହାର ବିରୋଧ ମଧ୍ୟ ହେଉଛି। ଅନ୍ୟପଟେ ଫିଲ୍ମକୁ ନେଇ ବ୍ୟାନ୍ ଲଗେଇବା ଦାବି ଉଠିଛି। ରାମାୟଣ ଉପରେ ପର୍ଯ୍ୟବେଶିତ ଏହି ଫିଲ୍ମର ନିର୍ଦ୍ଦେଶକ ଅଛନ୍ତି ଓମ୍ ରାଉତ୍। ଫିଲ୍ମ ନିର୍ମାତାଙ୍କ ଉପରେ ହିନ୍ଦୁତ୍ୱ ଭାବନାକୁ ଆଘାତ ପହଂଚାଇବାର ଅଭିଯୋଗ ହୋଇଛି ଏମିତିକି ଅନେକ ଫିଲ୍ମକୁ ବ୍ୟାନ କରିବାକୁ ଦାବି କରୁଛନ୍ତି। ଖାଲି ଏତିକି ନୁହେଁ ଅନେକ ରାଜନୈତିକ ଦଳର ନେତା ବି ଫିଲ୍ମର ବିରୋଧ କରୁଛନ୍ତି ଏବଂ ଏହା ଉପରେ ବ୍ୟାନ ଲଗାଇବାକୁ ଦାବି କରୁଛନ୍ତି। କେନ୍ଦ୍ର ସରକାର ମଧ୍ୟ କଡ଼ା ଟିପ୍ପଣୀ କରିଛନ୍ତି। କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ‘କାହାର ଭାବନାକୁ ଆଘାତ ଦେବାରେ ଅନୁମତି ନାହିଁ।

# ଗ୍ରୀନ୍ ଲାଇଟ୍ ଥେରାପି

**ଆ**ମେରିକାରେ ପାଂଚ କୋଟିରୁ ଅଧିକ ଲୋକ କେ?ଣସି ନା କେ?ଣସି ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଔଷଧ, ଆକ୍ୟୁପଙ୍କଚର, ମସାଜ୍ ଆଦି ସେମାନଙ୍କ ଯନ୍ତ୍ରଣା ହ୍ରାସ କରିପାରୁ ନାହିଁ। ଅନେକ ଯନ୍ତ୍ରଣା ଲାଘବ ପାଇଁ ନେଉଥିବା ଔଷଧକୁ ଏକ ଅଭ୍ୟାସରେ ପରିଣତ କରିଦେଲେଣି ବୋଲି ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ କିଛି ସମୟ ଗ୍ରୀନ୍ ଲାଇଟ୍ ବା ସବୁଜ ରଶ୍ମିରେ ରହିବା ଯେ କୌଣସି ଯନ୍ତ୍ରଣାକୁ କମ୍ କରିଥାଏ ବୋଲି ପ୍ରକାଶ ପାଇଛି। ଏହାକୁ ଗ୍ରୀନ୍ ଲାଇଟ୍ ଥେରାପି କୁହାଯାଉଛି। ସବୁଠୁ ବଡ଼ କଥା ହେଲା, ଏହି ପଦ୍ଧତିରେ କୌଣସି କୁପ୍ରଭାବ ପଡ଼ି ନଥାଏ। ଏଥିପାଇଁ କିଛି ଲୋକଙ୍କୁ ନେଇ ପରୀକ୍ଷା କରାଯାଇଥିଲା। ପ୍ରତ୍ୟେକ ଦିନ ସେମାନଙ୍କୁ ୪ ଘଂଟା ଅଲଗା ଅଲଗା ରଙ୍ଗର ଚଷମା ପିନ୍ଧିବାକୁ ଦିଆଯାଇଥିଲା। ଯେଉଁ ଲୋକମାନେ ସବୁଜ ରଙ୍ଗର ଚଷମା ପିନ୍ଧିଥିଲେ ସେମାନେ କମ୍ ଯନ୍ତ୍ରଣା ଅନୁଭବ କରିବା ସହ ପେନ୍‌କିଲର୍ ନେବା ଛାଡ଼ି ଦେଇଥିଲେ। ସବୁଜ ରଶ୍ମି ସ୍ନାୟୁଗୁଡ଼ିକଦ୍ୱାରା ଚକ୍ଷୁରୁ ମସ୍ତିଷ୍କ ପର୍ଯ୍ୟନ୍ତ ଯାଇଥାଏ। ଏହାଦ୍ୱାରା ଯନ୍ତ୍ରଣା ଉପଶମ ହୋଇଥାଏ। ଏଥିଯୋଗୁଁ ମାଇଗ୍ରେନ୍ ସମସ୍ୟା ୬୦% ହ୍ରାସ ପାଇଥବା ଏହି ଅଧ୍ୟୟନରୁ ଜଣାପଡ଼ିଥିଲା।



# ମିରର ବିଚ୍

ଜାପାନ୍‌ର ମିତୋୟୋ ସରହଦ୍ରସ୍ଥ ଚିଚିବୁଗାହାମା ବିଚ୍ ହେଉଛି ଏକ ଲୋକପ୍ରିୟ ସ୍ଥାନ। ଲୋକଲୋଚନଠାରୁ ଦୂରରେ ଥିବା ଏହି ସ୍ଥାନ ସୋସିଆଲ୍ ମିଡିଆ ପାଇଁ ଏକ ପର୍ଯ୍ୟଟନସ୍ଥଳୀ ହୋଇପାରିଛି। ୨୦୧୬ରେ ପର୍ଯ୍ୟଟନର ବିକାଶ ପାଇଁ ଏକ ଫଟୋସୁଟ୍ ହୋଇଥିଲା। ସେଥିରେ



ଚିଚିବୁଗାହାମା ବେଳାଭୂମିର ଜଳରେ ଦୁଇଟି ପିଲାଙ୍କ ପ୍ରତିଛବିର ଫଟୋ ଏତେ ସୁନ୍ଦରଭାବେ ଉଠାଯାଇଥିଲା ଯେ, ଲାଗୁଥିଲା ଯେମିତି ବେଳାରେ ଏକ ଦର୍ପଣ ରଖାଯାଇଛି। ଆକାଶ ସହିତ ପିଲାର ଅବିକଳ ଛବି ସେଇ ପାଣିରେ ପଡୁଥିବାର ଦେଖିବାକୁ ମିଳିଥିଲା। ସେବେଠାରୁ ଏହି ବେଳାଭୂମିର ନାମ ମିରର ବିଚ୍ ରଖାଗଲା। ଏହାପରେ ୱେବ୍‌ସାଇଟ୍‌ରେ ଚିଚିବୁଗାହାମା ବିଚ୍‌ରେ କି ଭଳି ସମାନ ପ୍ରତିଛବି ଫଟୋ ଉଠାଇ ହେବ ସେ ନେଇ ଟିପ୍ପଣୀ ଦିଆଗଲା। ତା’ ସହ ସେଠାକାର ଜୁଆର ଆସିବା ଓ ସୂର୍ଯ୍ୟାସ୍ତ ହେବା ସମୟର ବିବରଣୀ ବି ଦିଆଗଲା। ସୋସିଆଲ୍ ମିଡିଆରୁ ଏ ବିଷୟରେ ଜାଣି ହଜାର ହଜାର ପର୍ଯ୍ୟଟକ ଏହି ମିରର ବିଚ୍‌କୁ ଆସିବାକୁ ଲାଗିଲେ।



# କନ୍ୟା ସନ୍ତାନର ଜନକ ହେଲେ ରାମଚରଣ, ଉପାସନା

**ବା**ପା ହେଲେ ସାଉଥ ସୁପରଷ୍ଟାର ରାମ ଚରଣ। ପତ୍ନୀ ଉପାସନା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ହାଇଦ୍ରାବାଦ ସ୍ଥିତ ଆପୋଲୋ ହସ୍ପିଟାଲ ପକ୍ଷରୁ ଏକ ବୁଲେଟିନ ଜାରି କରି ଏହି ସୂଚନା ଦିଆଯାଇଛି। ଉଭୟ ମା’ ଓ ପିଲା ସୁସ୍ଥ ଥିବା ମେଡିକାଲ ପକ୍ଷରୁ କହୁଯାଇଛି। ଉଭୟଙ୍କର ଏହା ପ୍ରଥମ ସନ୍ତାନ। ବିବାହର ୧୧ ବର୍ଷ ପରେ ରାମଚରଣ ଓ ଉପାସନାଙ୍କ ଘରକୁ ଆସିଛନ୍ତି ଲକ୍ଷ୍ମୀ। ଯାହାପରେ ରାମ ଚରଣଙ୍କ ଘରେ ଆରମ୍ଭ ହୋଇଯାଇଛି ଉତ୍ସବ। ତେବେ ରାମଚରଣ ଏବଂ ଉପାସନାଙ୍କ କନ୍ୟା ସନ୍ତାନ ପରେ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ଅଭିନେତ୍ରୀ ରକୁଲପ୍ରୀତ ସିଂହ ଇନ୍?ଷ୍ଟା ଷ୍ଟୋରିରେ ରାମଚରଣ ଏବଂ ଉପାସନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହିତ ଅନେକ ଅଭିନେତା ଓ ଅଭିନେତ୍ରୀ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।




# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !

୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହାର ପ୍ରଥମ ଧାରାରେ କୁହାଯାଇଛିଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ। ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର। ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ। ଅନ୍ୟପକ୍ଷରେ ଏକ ନିର୍ଭିକ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଚ୍ଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧ତାରିଖ ଠାରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ଯିବେ। ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ। ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶରେ ନିରୋଗଭାବେ ବଢ଼ିବେ। ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ



ନାହିଁ। ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ। ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ। ଏମାନଙ୍କୁ ୬-୧୪ବର୍ଷ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି। ୧୯୮୬ ଶିଶୁ ଶ୍ରମିକ ଆଇନ ମାଧ୍ୟମରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି। ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ୱାର୍କସପ୍, ଗ୍ୟାରେଜ୍, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି। ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା,



ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ। ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି। ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି। ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ



ନିଆଯାଉଛି। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି। ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି। ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି। ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି



ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ। ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୬୫,୮୭୮ କେବଳ। ତା'ତଳକୁ ଥିଲା ମୟୂରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ। ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଢୋଟା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ଡେକରାଟି



ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି। ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି। ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ। ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ। ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି। ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର। ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର। ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର।

# ନିଆରା ମଣିଷଙ୍କ ଭିନ୍ନ ପ୍ରୟାସ



ଭାପୁର,(ପି.ଏନ): 'ବିଶ୍ୱ କର୍କଟ ଦିବସ ' ଅବସରରେ ଜଣେ ନିଆରା ମଣିଷଙ୍କର ଭିନ୍ନଢ଼ଙ୍ଗରେ ସଚେତନତାର ବା ା ଖୁବ ପ୍ରଶଂସା ଲାଭ କରିଥିଲା। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସେବା ନିବୃତ ସ୍ୱାସ୍ଥ୍ୟ ପରିଦର୍ଶକ ଶ୍ରୀଯୁକ୍ତ ନାରାୟଣ ଶୁକ୍ଳ ନିଜ ଆୟୋଜନରେ ଏକ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ । ସ୍ୱରଚିତ ଗୀତକୁ ଲୋକଗୀତ ତାଳରେ ନାଟକୀୟ ଢଙ୍ଗରେ ପରିବେଷଣ ଖୁବ ମନଛୁଆଁ ହୋଇଥଲା । ଗୀତ ଛଳରେ କର୍କଟ ରୋଗର କାରଣ ଓ ପ୍ରକାର ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ଢେର ଆଦୃତ ହୋଇଥିଲା । ପରିବେଷଣରେ ଅନୁପ୍ରାଣିତ ହୋଇ ଉପସ୍ଥିତ କିଛି ଯୁବକ ଆଉ ମାଦକ ଦ୍ରବ୍ୟ ସେବନ ନକରିବା ପାଇଁ ପ୍ରତସୃତି ଦେଇଥିଲେ। ଗତ ୨୫/ ୦୧/୨୦୨୫ ତାରିଖରେ ଭୁବନେଶ୍ୱର ଠାରେ କର୍କଟ ସମ୍ପର୍କରେ ହୋଇଥିବା କବିତା ପାଠୋତ୍ସବରେ ଯୋଗଦେବା ଅବସରରେ ଶ୍ରୀଯୁକ୍ତ ଶୁକ୍ଳ ଏମସ ର ଡାକ୍ତର ସରୋଜ କୁମାର ଦାଶ ମଜୁମଦାରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏ ଭିନ୍ନ ପ୍ରୟାସ କରିଥିଲେ । କେବଳ ଏଇ ଗୋଟିଏ ନୁହେଁ, ବିଭିନ୍ନ ସମୟରେ ସେ ମହାଶୟ କେତେବେଳେ ଚ଼କୁଳିଆ ପଣ୍ଡା ତ କେତେବେଳେ ପାଲା ଦଳ ନେଇ ଏମିତି ସଚେତନତା କାର୍ଯ୍ୟକ୍ରମ କରି ଉଚ୍ଚ ପ୍ରଶଂସିତ ହୁଅନ୍ତି । ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ଶ୍ରୀମତୀ ସୁଲୋଚ଼ନା ବାରିକ ଓ ଆଶା ଦିଦି ଉଲ୍ଲାସ ବେହେରା ତାଙ୍କୁ ସହାୟତା କରିଥିଲେ । ବାସ୍ତବରେ ଶୁକ୍ଳ ମହାଶୟ ଙ୍କ ପ୍ରୟାସ ସମାଜ ସଂସ୍କାର ପାଇଁ ଢେର ଉପଯୋଗୀ ।

# ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉଦଯାପିତ

ଭବାନୀପାଟଣା,(ପି.ଏନ): ଶାନ୍ତିକୁଞ୍ଜ ହରିଦ୍ୱାରର ପ୍ରତ୍ୟକ୍ଷ ତତ୍ୱାବଧାନରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର କଲମପୁର ଶାଖା ପକ୍ଷରୁ ଗାୟତ୍ରୀ ପୀଠରେ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆଜି ଉଦଯାପିତ ହୋଇଯାଇଛି, ରବିବାର ଦିନ ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ କଳସ ଧରି ଗୋପୀସାଗର ପୋଖରୀରୁ ଜଳ ଧରି ପୀଠରେ ସ୍ଥାପନ କରିଥିଲେ, ଏହି କାର୍ଯ୍ୟକ୍ରମ ରବିବାର ଠାରୁ ଆରମ୍ଭ ହୋଇ ଆଜି ମଙ୍ଗଳବାର ଦିନ ଉଦଯାପିତ ହୋଇଯାଇଛି। ଏଥିରେ ବିବାହ, ମୁଣ୍ଡନ, କୁଣ୍ଡାବରି, ଯଜ୍ଞପବିତ, ନାମକରଣ, ଅନ୍ନପ୍ରାସନ, ପୁଂଶବନ,ଆଦି ବିଭିନ୍ନ ପ୍ରକାରର ସଂସ୍କାର କାର୍ଯ୍ୟକ୍ରମ ରହିଥିବା ବେଳେ ମୁଣ୍ଡନ୩୬ ଜଣ,କୁଣ୍ଡାବରି ୨ ଜଣ,ଦୀକ୍ଷା ୧୩ ଜଣ,ବ୍ରତ ଜଣେ, ବିଦ୍ୟାରମ୍ଭ ଜଣେ, ଅନ୍ନପ୍ରାସନ ଜଣେ ଗ୍ରହଣ କରିଥିଲେ, ଏହି ଅବସରରେ କଥାବାଚ଼କ ଭୁବନେଶ୍ୱର ଥାପା,ଭରତ ନାଗ, ବାବୁଲାଲ ବିଶି, ପୂର୍ଣ୍ଣିମା ନାଗଙ୍କ ଦ୍ୱାରା ପ୍ରଜ୍ଞା ପୁରାଣ କଥା ପ୍ରବଚ଼ନ ହୋଇଥିଲା ,ଏହାକୁ ଗାୟତ୍ରୀ ପରିବାରର ସକ୍ରିୟ ସଦସ୍ୟ ଦିଲିପ ଗୁପ୍ତା, ଶଶାଙ୍କ ପଣ୍ଡା, ଧନଞ୍ଜୟ ପଣ୍ଡା, ହିମାଂଶୁ ପଣ୍ଡା, ମହାଦେବ ବେହେରା, ବିଜୟ ଗୁପ୍ତା, କୃଷ୍ଣ ପଣ୍ଡା ବନମାଳୀ ରାଉତ, ପୂର୍ଣ୍ଣଚ଼ନ୍ଦ୍ର ପଣ୍ଡା,ଦର୍ଶନ ଗୁପ୍ତା, ସଞ୍ଜୟ ଗୁପ୍ତା ପ୍ରମୁଖ ସହଯୋଗ କରିଥିବା ବେଳେ ସତ୍ୟ ଶର୍ମା ପ୍ରେମ ଲାଲ ଶର୍ମା ପ୍ରସାଦ ସେବନ କରାଇଥିବା ବଢ଼ିଲେ ଶ୍ରଦ୍ଧାଳୁ ମାନେ ଏହି ପବିତ୍ର କାର୍ଯ୍ୟରେ ଯୋଗ ଦେଇ ସଫଳ କରିଥିଲେ।

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ୱାସ ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧ୍ୟାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ଯୋ ପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)- ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୁତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟାୟ, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିଦ୍ଧାଣୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ। ଶେଷରେ କୋଷାଧକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୂରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅପ୍ରେଲ ୧୨

# ଗୁରୁ - ନିର୍ବାଚନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ଼ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତ୍ତି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଥାଗତ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୁରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ମାନେ ହିଁ ସଦଗୁରୁ ବା ଆଚାର୍ଯ୍ୟ । ଗୁରୁ ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦର ମୂର୍ତ୍ତ ବିଗ୍ରହ । ସେ ହିଁ ରୂପାୟିତ ଈଶ୍ୱର ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି ବୃଦ୍ଧିର ପରମ ଅମୃତପଥ, ସମସ୍ତ ଦ୍ୱନ୍ଦ୍ୱ ଭିତରେ ଅନ୍ୱୟୀ ସ୍ୱାର୍ଥକତାର ସାରକେନ୍ଦ୍ର ।

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରନ୍ତି କି ନାହିଁ ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୁକ୍ତଗୁଡ଼ିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତ୍ତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଢ଼ାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୃତି ଓ କ୍ଷମତା । ସମଷ୍ଟିବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମ୍ବର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଲ୍କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ଯେତେ ଦେହରେ, ଯେତେ ରୂପରେ, ଯେତେ ଥର ହିଁ ସେ ଆସନ୍ତୁ, ସେ ଜଣେ ହିଁ । ଈଶ୍ୱର ଯେପରି ଏକ ଓ ଅଦ୍ୱିତୀୟ, ଅବତାର ପୁରୁଷମାନେ ମଧ୍ୟ ସେହିପରି ଏକ ଓ ଅଦ୍ୱିତୀୟ । ଅବତାର ପୁରୁଷମାନଙ୍କ ମଧ୍ୟରେ ଭେଦ କରିବା ମହା ପାପ । ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ କୌଣସି ଭୁଲ ଭ୍ରାନ୍ତି ନାହିଁ । ତେବେ ତାଙ୍କର ସବୁ ଆଚରଣର ଅର୍ଥ ଆମ୍ଭେମାନେ ଭଲ ଭାବରେ ବୁଝି ପାରୁ ନାହୁଁ । ତାହା ମଧ୍ୟ ବୁଝି ପାରିବୁ ଯଦି ତାଙ୍କ ପାଖରୁ ପଚାରି ଜାଣି ନେଉ । କାହାକୁ ଗୁରୁ ବୋଲି ଗ୍ରହଣ କରିବା ଆଗରୁ ଗୁରୁ ହିସାବରେ ଗ୍ରହଣ କରିବା ଭଲ । କିନ୍ତୁ ଗୁରୁ ବୋଲି ଗ୍ରହଣ କରିବା ପରେ ଶ୍ରଦ୍ଧା ସହକାରେ ଅନୁସରଣ କରିବାକୁ ହୁଏ । କିନ୍ତୁ କେହି ଯଦି ଅବତାର ବା ବେତ୍ତା ଗୁରୁ ନ ହୁଅନ୍ତି ତାଙ୍କର ଉଚିତ ନିଜକୁ ଦୀକ୍ଷା-ଉପଦେଷ୍ଟା ବା ଋତ୍ୱିକ୍ ବୋଲି ପରିଚିତ କରି ପୂର୍ବତନ ବେତ୍ତା ଗୁରୁଙ୍କୁ ଗୁରୁ ହିସାବରେ ଦେଖାଇ ଦେବା ଓ ସେହି ସଙ୍ଗେ ସଙ୍ଗେ ଜୀବନ୍ତ ସଦଗୁରୁ ବା ବେତ୍ତା ପୁରୁଷଙ୍କୁ ପାଇଲେ ତାଙ୍କୁ ଗ୍ରହଣ କରିବାକୁ କହିବା ଉଚିତ୍ ।

ଭଗବାନ ଯୀଶୁ କହିଛନ୍ତି - ମୋ ମାଧ୍ୟମ ବ୍ୟତୀତ କେହି ପରମ ପିତାଙ୍କ ପାଖକୁ ଆସିପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ବୈଷ୍ଣବ ଶାସ୍ତ୍ରରେ ଅଛି - କୃଷ୍ଣଙ୍କର ଯେତେ ଲୀଳା ସର୍ବୋତ୍ତମ ନରଲୀଳା, ନରବପୁ ତାଙ୍କର ସ୍ୱରୂପ, ଗୋପ ବେଶ ବେଣୁକର, ନବ କିଶୋର ନଟବର, ନରଲୀଳା ହୁଏ ଅନୁରୂପ । କୋରାନରେ ଅଛି - ପ୍ରେରିତଙ୍କୁ ବାଦ୍ ଦେଇ ଈଶ୍ୱରଙ୍କର ଉପାସନା ହୁଏ ନାହିଁ । ବୌଦ୍ଧ ଧର୍ମରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି । ତେଣୁ ମୂଳ କଥା ହେଲା - ଆଦର୍ଶଙ୍କ ନିର୍ବାଚନ ବା ଗୁରୁ ନିର୍ବାଚନ । ସଦଗୁରୁ ହିଁ ଚିରୋପାସ୍ୟ ଓ ଚିର ବନ୍ଦନୀୟ ।

ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟଙ୍କୁ କହିବା ଉଚିତ୍ - ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତ୍ତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାର ଦ୍ୱିଧା କର ନାହିଁ । ସେଇଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ । ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ,*
*ମୋବାଇଲ-୯୪୩୭୦୫୧୯୫୭*

# ବେଳାଭୂମି ଓ ନିରାପଦ ସ୍ନାନ



ନିରଞ୍ଜନ ସାହୁ

ନିକଟରେ ସମୁଦ୍ରକୁ ଗାଧୋଇ ଯାଇଥିବା ବେଳେ ତିନିସାଙ୍ଗଙ୍କ ଭିତରୁ ଜଣକର ମୃତ୍ୟୁ ହୋଇଥିବା ଖବର ଆସିଛି ପୁରୀରୁ। ସେମାନେ ସମସ୍ତେ ଥିଲେ ଇଞ୍ଜିନିୟରିଂ ପଢୁଥିବା ଛାତ୍ର। କେତେ ସ୍ୱପ୍ନ ସେମାନେ ଦେଖିଥିବେ ନିଜ ପାଇଁ ତଥା ସେମାନଙ୍କର ପରିବାରବର୍ଗ ଓ ବନ୍ଧୁବାନ୍ଧବ ଏବଂ ଶୁଭେଚ୍ଛୁ ଦେଖିଥିବେ ସେମାନଙ୍କ ପାଇଁ। ସେଇ ଅପୂରଣୀୟ ସ୍ୱପ୍ନମାନେ ତାଙ୍କର ପିତାମାତାଙ୍କୁ ଜୀବନଯାକ ଘାରୁଥିବ। ଅକାଳ ମୃତ୍ୟୁର ପାଶରୁ ଯିଏ ଉତୁରି ଗଲେ ସେମାନେ ନିଜର କୌଶଳ ପାଇଁ ବଂଚିଗଲେ ଏବଂ ଦିବଂଗତ ବନ୍ଧୁଜଣକ ଭାଗ୍ୟଦୋଷରୁ ମୁକୁଳି ପାରିଲେ ନାହିଁ ଅକସ୍ମାତ୍ ଅଣାୟତ୍ତ ଲହଡ଼ିର ପ୍ରାଦୁର୍ଭାବରୁ।

ଯେତେ ପର୍ଯ୍ୟଟନ ସ୍ଥଳ ଆମ ରାଜ୍ୟରେ ରହିଛି ତା ଭିତରୁ ପୁରୀ ସର୍ବାଗ୍ରେ। ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ପୁରୀ ବେଳାଭୂମିରେ କିଛି ସମୟ ବସି କ୍ଳାନ୍ତି ଅପନୋଦନ କରିବା କିମ୍ବା ସନ୍ତନରଣର ମଜା ନେବା ପାଇଁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସିଥାନ୍ତି ସବୁଦିନ। ଅନେକ ପର୍ଯ୍ୟଟନ ସ୍ଥଳ ଅଛି ଯେଉଁଠି ନିର୍ଦ୍ଦିଷ୍ଟ ଋତୁରେ ଲୋକ ଗହଳି ଲାଗେ; ମାତ୍ର ପୁରୀ ସେଥିରୁ ବ୍ୟତିକ୍ରମ ଏଇଥିପାଇଁ ଯେ ବର୍ଷସାରା ଏଠାରେ କୌଣସି ଦିନ ଫାଙ୍କା ପଡ଼େ ନାହିଁ।

ଗାଧୋଇବା ସମୟରେ ପୁରୀ ସମୁଦ୍ରରେ ପର୍ଯ୍ୟଟକଙ୍କର ମୃତ୍ୟୁ ଏତେ ସାଧାରଣ ଘଟଣା ହୋଇଗଲାଣି ଯେ ଏହା ସାଧାରଣ ଲୋକଙ୍କ ଭିତରେ ଯେତିକି ଭୟ ବା ସତର୍କତା ସୃଷ୍ଟି କରିବା କଥା ତାହା କରୁନାହିଁ। ଏହାକୁ ଅନେକ ଏକ ଦୁର୍ଘଟଣା କହି ଏଡ଼ାଇ ଯାଉଛନ୍ତି; ମାତ୍ର ଏହା ଆମର ସାମଗ୍ରିକ ଭାବନାକୁ ଯେତିକି ପୀଡ଼ା ଦେବା କଥା ତାହା ଦେଉନାହିଁ। ତାର କାରଣ ହେଲା ଯକ୍ଷଙ୍କ ପ୍ରଶ୍ନରେ ଯୁଧିଷ୍ଠିରଙ୍କ ଭଳି –
'ଅହନି ଅହନି ଭୂତାନି ଗଚ୍ଛନ୍ତି ଯମ ମନ୍ଦିରଂ ଶେଷାଃ ଚରତ୍ୱମିଚ୍ଛନ୍ତି କିମାଶ୍ଚର୍ଯ୍ୟମଥଃପରମ୍'
ସବୁଦିନ ହଜାର ହଜାର ଲୋକଙ୍କର ମୃତ୍ୟୁ ହେବା ସତ୍ତ୍ୱେ ଅନେକ ଭାବନ୍ତି ମୃତ୍ୟୁ ତାଙ୍କ ନିକଟକୁ ଆସିବ ନାହିଁ ଏବଂ ସେମାନେ ବେଫିକର ହୋଇଯାନ୍ତି। ବେଳେ ବେଳେ ଅପ୍ରତ୍ୟାଶିତ ଭାବରେ ନିଜେ ଦୁର୍ଘଟଣାର ଶିକାର ହୁଅନ୍ତି। ପୁରୀଠାରେ ବାର୍ଷିକ କେତେ ଲୋକ ସମୁଦ୍ରରେ ସନ୍ତରଣରତ ଭାବେ ସ୍ୱର୍ଗାରୋହଣ କରନ୍ତି ତାର ସରକାରୀ ହିସାବ ଆପଣ ପଚାରିଲେ ଉତ୍ତର ଆସିପାରେ ଅନୁସନ୍ଧାନ ଚାଲିଛି; ମାତ୍ର ବଡ଼କଥା ହେଲା କାହିଁକି ଏତେ ଲୋକ ମରୁଛନ୍ତି। ସ୍ଥାନୀୟ ଲୋକଙ୍କର ଅସମର୍ଥିତ ସୂତ୍ରରୁ ଏଠାରେ ବାର୍ଷିକ ଶହେ ପାଖାପାଖି ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି ଏବଂ ଯେଉଁମାନେ ଅକାଳରେ ଝଡ଼ିଯାଉଛନ୍ତି ସେମାନଙ୍କ ଭିତରୁ ଅନେକ ଯୁବକ ଶ୍ରେଣୀୟ। ଯୁବତୀଙ୍କ ତୁଳନାରେ ଯୁବକ ମୃତକଙ୍କ ସଂଖ୍ୟା ଖୁବ୍ ବେଶୀ ସୂଚେଇ ଦିଏ ଯେ ନାରୀମାନେ ଜୀବନ ବିଷୟରେ ଅଧିକ ସଚେତନ।

ସମୁଦ୍ର ଜଳ ସାଧାରଣତଃ ଅସ୍ଥିର ଏବଂ କୂଳ ନିକଟରେ ଯେଉଁ ଜୁଆର ଆସେ ତାହାଠାରେ ଥାଏ ଆଶା ଠାରୁ ବହୁ ବ୍ୟତିକ୍ରମ। କେତେ ବେଳେ କେତେ ବଡ଼ ଜୁଆର ଆସିବ ତାହା ଜାଣିବା କଷ୍ଟ ବିଶେଷତଃ ଯେଉଁମାନେ ଦିନେ ଅଧେ ପାଇଁ ସମୁଦ୍ର ନିକଟକୁ ଆସିଥାନ୍ତି ସେମାନେ ତାହା ଜାଣିବାର ସାମାନ୍ୟତମ ଅବକାଶ ନାହିଁ।

ସମୁଦ୍ରର ଥାଏ ଏକ ଆକର୍ଷଣ। ଆପଣ ତା ପାଖକୁ ଗଲେ କେତେବେଳେ ପାଣି ପାଖକୁ ଚାଲିଯିବେ ନିଜେ ଜାଣିପାରିବେ ନାହିଁ। ଅବଶ୍ୟ ସମୁଦ୍ର ପାଖକୁ ଗଲେ ସମୁଦ୍ରକୁ ନ ଛୁଇଁ ଫେରିଲେ ସମୁଦ୍ର ଦର୍ଶନ ଅସଂପୂର୍ଣ୍ଣ ହେଲା ବୋଲି କିଛି ପ୍ରାଚୀନ ମତ ଅଛି। ସେଇ ଛୁଇଁବା ପ୍ରକ୍ରିୟାରେ ଆପଣ ଟିକିଏ ଭିତରକୁ ଚାଲିଯିବେ। ଜୋର୍ ଆସିଥିବା ଲହଡ଼ିରେ ଆପଣଙ୍କର ଲୁଗା ଭିଜିଯିବ। ଯଦି ଆଣ୍ଠୁଯାଏ ଲୁଗା ଭିଜିଯାଏ ତାହେଲେ ଜାଣିବେ ସତର୍କ ଘଣ୍ଟି ବାଜିଲା। ଯଦି ଆପଣଙ୍କୁ ଟିକିଏ ଅଧିକ ଉଲ୍ଲାସ ଅନୁଭବ ହେବ ତେବେ ଆପଣ ବିପଦ ଆଡ଼କୁ ମୁହାଁଉଛନ୍ତି ବୋଲି ନିଶ୍ଚିତ ହେବେ।

ବିଦେଶରେ ସମୁଦ୍ର କୂଳରେ ହଜାର ହଜାର ଶ୍ୱେତାଙ୍ଗ ସମୁଦ୍ର ସ୍ନାନରେ ନିମଗ୍ନ ଥିବା ଆପଣ ହୁଏତ ଦେଖିଥିବେ କିମ୍ବା ଅତିକମ୍‌ରେ ଟିଭି ପରଦାରୁ ବା ହ୍ୱାଟ୍‌ସଆପ୍ ଭିଡ଼ିଓରୁ ତାକୁ ପରଖିଥିବେ। ହେଲେ ସେମାନେ ଏପରି ଉପକୂଳ ବାଛିଥାନ୍ତି ଯେଉଁଟି ଲହଡ଼ି ପ୍ରଖର ନଥାଏ। ତା'ଛଡ଼ା ସେମାନେ ସନ୍ତରଣ ପଟୁ। ତୃତୀୟତଃ ସେଠାରେ ଉଦ୍ଧାରକାରୀ ଦଳ ମହଜୁଦ୍ ହୋଇ ରହିଥାନ୍ତି। ଆପଣ ଯଦି ଥାଇଲାଣ୍ଡର କୋରାଲ ଥାଇଲାଣ୍ଡ ବା ଫାଇ ଫାଇ ଥାଇଲାଣ୍ଡ ଅଥବା ମାୟା ବେ ଭ୍ରମଣ କରିଥିବେ ଆପଣ କେବଳ ସେଠାକାର ସୌନ୍ଦର୍ଯ୍ୟରେ ବିମୋହିତ ହୋଇନଥିବେ, ସେଠାକାର ଅଗଭୀର ସମୁଦ୍ର ଏବଂ ଛୋଟ ଛୋଟ ଢେଉ ଭିତରେ ସନ୍ତରଣ ଆନନ୍ଦ ଦାୟକ ଏବଂ ନିରୁପଦ୍ରୁତ ବୋଲି ନିଶ୍ଚିତ ହୋଇଥିବେ।

ଆଗ କାଳରେ ଆମମାନଙ୍କ ପରି ଅନେକ ପିଲାଦିନେ ଗାଁ ପୋଖରୀରେ ଗାଧୋଇଲା ବେଳେ ପହଁରିବା ଶିଖିଥିଲେ ଏବଂ ଅଭ୍ୟାସ ବଳରେ ନିଜର ଆତ୍ମବିଶ୍ୱାସ ସୃଷ୍ଟି ହୋଇଥିଲା ଯେ ଆମେ ନିରାପଦରେ ପହଁଚି ପାରିବୁ; ମାତ୍ର ଆଜିକାଲି ସହରବାସୀଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ସହରରେ କେଉଁଠି ବା ସନ୍ତରଣ ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ଅଛି ଯେ! ଅନେକଙ୍କୁ ନିଜ ନିଜର ଘରେ ସ୍ନାନାଗାର ଭିତରେ ଗାଧୋଇବାକୁ ହୁଏ। ସେମାନେ ପହଁରିବା ଆଦୌ ଜାଣି ନଥାନ୍ତି। ଯେଉଁମାନେ କ୍ଳବକୁ ଯାଇ ସୁଇମିଂ ପୁଲ୍‌ରେ ପହଁରା ଶିଖନ୍ତି ସେମାନଙ୍କ ପାଇଁ ତାହା ଏକ ସୌଖୀନ କଳା। ସେମାନେ ସେଇ ଶିକ୍ଷାରୁ ସମୁଦ୍ର ପହଁରା କରିପାରିବେ ତାହା ସଂପୂର୍ଣ୍ଣ ଭ୍ରମାତ୍ମକ। ସ୍ଥିର ଜଳରେ ପହଁରିବା ଏବଂ ସମୁଦ୍ର ଜଳରେ ଅସ୍ଥିର ଜୁଆର ଭିତରେ ନିଜକୁ ବଂଚାଇବା ଦୁଇଟା ଭିତରେ ଆକାଶ ପାତାଳ ଫରକ୍।

ବିଦେଶରେ ଯେଉଁ ଅଞ୍ଚଳରେ ପର୍ଯ୍ୟଟକମାନେ ସ୍ନାନ କରନ୍ତି ତାର ଏକ ସୀମା ନିର୍ଦ୍ଧାରିତ ହୋଇଥାଏ ଏବଂ ଯଦି କୌଣସି କାରଣରୁ କେହି ସାମାନ୍ୟ ଦୂରକୁ ଚାଲିଯାଏ ସିଏ ସେଇ ତାର ବାଡ଼ ପାଖରେ ଅଟକି ଯାଏ ଓ ତୁରନ୍ତ ଅପେକ୍ଷାରତ ସାହାଯ୍ୟକାରୀ ଦଳ ତାଙ୍କୁ ଆଶ୍ୱସ୍ତ କରନ୍ତି। ପୁରୀରେ ସି ଗାର୍ଡ଼ ବା ସମୁଦ୍ର ରକ୍ଷୀ ନାହାନ୍ତି ସେମିତି କିଛି ନୁହେଁ; ମାତ୍ର ସେମାନେ ସେତିକି ଦକ୍ଷ ହୋଇପାରୁନାହାନ୍ତି କିମ୍ବା ସେମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ମୁତୟନ କରାଯାଇ ଦାୟିତ୍ୱ ନ୍ୟସ୍ତ କରାଯାଉନାହିଁ। ପୁରୀରେ ଦୀର୍ଘ ଉପକୂଳ ଥିବାରୁ ଏଥିରୁ ଅଳ୍ପ କିଛି ସ୍ଥାନରେ ସନ୍ତରଣକୁ ପ୍ରଶାସନ ତରଫରୁ ଅନୁମତି ଦିଆଯିବା ଉଚିତ। ତାହାହେଲେ ହୁଏତ ପର୍ଯ୍ୟଟକଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇ ପାରନ୍ତା। ସି ଗାର୍ଡ଼ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେଲେ ସେମାନେ ଅଧିକ ଦକ୍ଷତା ପ୍ରତିପାଦନ କରିପାରନ୍ତେ।

କିଛି ବର୍ଷ ପୂର୍ବେ ବହୁସଂଖ୍ୟକ ଶ୍ୱେତାଙ୍ଗ ପୁରୀକୁ ଆସୁଥିଲେ। ଏବେ ସେମାନଙ୍କର ଉପସ୍ଥିତି ନଗଣ୍ୟ। ନାହିଁ କହିଲେ ଚଳେ। ସେମାନେ ଆଗରୁ ଆମର ପଶ୍ଚିମାଞ୍ଚଳର ବନବାସୀ ଇଲାକାକୁ ଆସି ପୁରୀ ଆସିଯାଉଥିଲେ। ସେଠାରେ କିଛି ବର୍ଷ ତଳେ ନକ୍‌ସଲ ଉପଦ୍ରବରେ କିଛି ବିଦେଶୀ ପର୍ଯ୍ୟଟକ ଅପହୃତ ହେବା ପରେ ସରକାର କିଛି ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କଲେ ଯାହା ଫଳରେ ସେମାନେ ଓଡ଼ିଶା ଭ୍ରମଣ ନ୍ୟୁନତମ ସ୍ତରକୁ ଖସିଗଲା। ସେମାନଙ୍କୁ କିଛି ଲୋକ ହଇରାଣ ହରକତ କଲେ ବୋଲି ମଧ୍ୟ ଅଭିଯୋଗ ହୁଏ। ପର୍ଯ୍ୟଟକମାନଙ୍କୁ 'ଅତିଥି ଦେବୋ ଭବଃ' ଭଳି ବାଣୀ ଉଚ୍ଚାରଣ କଲେ ସେମାନେ ଆମ ରାଜ୍ୟକୁ ଆସିବେ ନାହିଁ। ସୁରକ୍ଷା, ଉତ୍ତମ ବ୍ୟବହାର ସାଙ୍ଗକୁ ଅନୁରୂପ ବ୍ୟବସ୍ଥା କଲେ ସେମାନେ ଯାଇ ଆସନ୍ତେ।

ସନ୍ତରଣ ଏକ ଅତ୍ୟନ୍ତ ଆବଶ୍ୟକ କଳା। ଆମ ଜୀବନରେ କେତେବେଳେ ତାହା ଦରକାର ହେବ ଆଗତୁରା କହି ହେବନି। ବିଶେଷତଃ ପାଣିପାଗ ପରିବର୍ତ୍ତନ ଫଳରେ ଆଗରୁ ଯେଉଁଠି ସବୁବେଳେ ଶୁଖାପଡୁଥିଲା ସେଠି ହଠାତ୍ ଅକାତକାତ ପାଣି ବର୍ଷିଯାଉଛି କେଇ ଘଣ୍ଟା ଭିତରେ। ସେଥିପାଇଁ ସତର୍କତା ସହିତ ସମସ୍ତେ ସନ୍ତରଣ ଶିଖିବା ଜରୁରୀ। ସନ୍ତରଣ ବିଷୟରେ ଆମେ କେତେ ଗପ ପଢ଼ିଛନ୍ତି। ବିଶେଷତଃ ଶ୍ରୀ ରାମକୃଷ୍ଣ ପରମହଂସ ତାଙ୍କର ଶିଷ୍ୟମାନଙ୍କୁ କହିଥିବା ଗପ –

ଥିଲେ ଜଣେ ପଣ୍ଡିତ ଯିଏ ନିଜ ଗ୍ରାମକୁ ଫେରୁଥିଲେ ଭାଷଣ ସାରି। ନଦୀର ଗୋଟିଏ ପଟରେ ଅପେକ୍ଷା କରି ଭାରି ରୁକ୍ଷ ହେଲେ କାରଣ ନାଉରିଆ ପିଲା ନଦୀର ଆରପଟରେ ଥିଲା। ସେ ଫେରୁ ଫେରୁ ତା ଉପରେ ବର୍ଷିଗଲେ ମହୋଦୟ। ନିଜ ପାଣ୍ଡିତ୍ୟ ଦେଖାଇ ଗୀତା ଭାଗବତରୁ ଶ୍ଳୋକ ବୋଲିଲେ, ପଚାରିଲେ କିଛି ବୁଝିପାରୁଛିକି ବି ବିଚରା ନାଉରିଆ। ଅଶିକ୍ଷିତ ନାଉରିଆ ମୁଣ୍ଡ ହଲାଇ ନାସ୍ତିବାଣୀ ଜଣାଇବାରୁ ତାକୁ ତାଚ୍ଛଲ୍ୟ କରି କହିଲେ ସେ କେମିତି ଜାଣିବ ପଣ୍ଡିତଙ୍କ ମହିମା। ଯେହେତୁ ଶାସ୍ତ୍ର ଅଧ୍ୟୟନ କରିନାହିଁ ତା ଜୀବନ ମୂଲ୍ୟହୀନ ହୋଇଯାଇଛି। ଏତିକି ବେଳେ ପବନ ବହିବାରୁ ପଣ୍ଡିତେ ଟଳମଳ ହେଲେ। ନାଉରିଆ ପଚାରିଲା, କଣ ଆପଣ ଏତେ ଭୟ କରୁଛନ୍ତି ଯେ! ପଣ୍ଡିତ କହିଲେ ସାରା ଜୀବନ ଶାସ୍ତ୍ର ଅଧ୍ୟୟନ କରି କରି ସମୟ ଗଲା ସେ ସନ୍ତରଣ ଶିଖିଲେ କେତେବେଳେ। ନାଉରିଆ କହିଲା, ଆଜ୍ଞା ପବନ ବଢୁଛି। ଏବେ ଆପଣଙ୍କ ଜୀବନର ମୂଲ୍ୟ କିଏ ତଉଲିବ? କହିବା ବାହୁଲ୍ୟ ଗୋଟିଏ ଝଟକାରେ ପଣ୍ଡିତେ ନଦୀରେ ବୁଡ଼ିଗଲେ। ଯେ ଗପ ଆମେ ସମସ୍ତେ ପଢ଼ିଛନ୍ତି କିମ୍ବା ଶୁଣିଛନ୍ତି। କେତେକ ବି ମନେ ରଖିଛନ୍ତି ଆଉ କାହାକୁ କହିବା ପାଇଁ; ମାତ୍ର ନିଜେ ସନ୍ତରଣ ଶିଖିଲେଣି ତ! ଏଭଳି ଅତ୍ୟନ୍ତ ଦରକାରୀ ଜୀବନରକ୍ଷା କୌଶଳକୁ କଣ ଭୁଲିଗଲେ ଚଳିବ!

*ଦୂରଭାଷ : ୯୪୩୮୪୮୨୯୧୧*
*(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ଅଧିକାରୀ)*

# ଯୁଦ୍ଧ ନୁହେଁ ପୁଞ୍ଜି ପତୀ ମାନଙ୍କର ସାମ୍ରାଜ୍ୟ ବାଦ୍, ବାହାନା ଆତଙ୍କବାଦ, ଧର୍ମ ଓ ସୀମା



ଡୁଇଟ୍ ଡେଭିଡ ଫିଲିପ

ଧର୍ମର ଭିଡ ଭିତରେ ଯୁଦ୍ଧ। କିନ୍ତୁ ଯୁଦ୍ଧ କେବେବି ଏକ ବିକଳ୍ପ ନୁହେଁ। 'ଯୁଦ୍ଧ ଯୁଦ୍ଧକୁ ଜନ୍ମ ଦିଏ', ଏହା ଏକ ସତ୍ୟ ଓ ପୁରୁଣା ପ୍ରବାଦ। ସାମ୍ରାଜ୍ୟବାଦ ପୃଥିବୀରେ ଇତିହାସ ହୋଇ ରହି ନାହିଁ। ଆଜିବି ରାଷ୍ଟ୍ର, ସମାଜ, ଧର୍ମ ଓ ବ୍ୟକ୍ତି ସାମ୍ରାଜ୍ୟବାଦର କ୍ଷୁଧା ଓ ଜ୍ୱାଳାରେ ଜର୍ଜରିତ। ଗଣତନ୍ତ୍ର ଓ ମାନବ ଅଧିକାରର ଯଥେଷ୍ଟ ଚ଼ର୍ଚ୍ଚା ଓ ଆଇନ ଥିଲେ ମଧ୍ୟ ଭୌତିକ ଓ ମାନସୀକ ସାମ୍ରାଜ୍ୟବାଦ ପାଇଁ ରାଷ୍ଟ୍ର, ସମାଜ, ଧର୍ମ ଓ ବ୍ୟକ୍ତି, ସାମ୍ରାଜ୍ୟବାଦ ଭୋକରୁ ନିଜକୁ ପ୍ରତ୍ୟାହାର କରି ପାରୁନାହାନ୍ତି। ପୁଞ୍ଜିବାଦୀ ମନୋବୃତି ସାମ୍ରାଜ୍ୟବାଦକୁ ବହୁଳ ଭାବରେ ପ୍ରାୟୋଜିତ କରୁଛି। କେବଳ ଅନ୍ତର୍ଦେଶୀୟ ଯୁଦ୍ଧ ନୁହେଁ, ବିଶ୍ୱବିଦ୍ୟାଳୟ ଓ ଧର୍ମ ପୀଠ ମାନଙ୍କ ମାଧ୍ୟମରେ ପ୍ରତ୍ୟେକ ରାଷ୍ଟ୍ର, ପ୍ରତ୍ୟେକ ସମାଜ, ପ୍ରତ୍ୟେକ ଧର୍ମ ଓ ବ୍ୟକ୍ତିମାନେ ସାମ୍ରାଜ୍ୟବାଦ ନୀତିକୁ ଧରି ବଞ୍ଚୁଛନ୍ତି। ସାମ୍ରାଜ୍ୟବାଦର ଶିକାର, ଆମେ ସମସ୍ତେ, କିନ୍ତୁ ଆଦିମ ଜନଜାତି, ଶିଶୁ, ମହିଳା ଓ ବୃଦ୍ଧ ସବୁଠୁ ବେଶୀ ସାମ୍ରାଜ୍ୟବାଦ ମନୋବୃତ୍ତି ଦ୍ୱାରା କ୍ଷତି ଗ୍ରସ୍ତ ହେଉଛନ୍ତି। ପ୍ରକୃତୀ ଓ ଭବିଷ୍ୟତ ପିଢ଼ି, ବିତିଗଲା ସମୟକୁ ଦୋଷ ଦେବା ବ୍ୟତୀତ ଆଉ କିଛି କରି ପାରିବେ ନାହିଁ।ଯୁଦ୍ଧର ଭୟାବହ ରୂପ କହିଲେ ୧୯୧୯ ର ପ୍ରଥମ ବିଶ୍ୱଯୁଦ୍ଧ ଓ ୧୯୪୫ ର ଦ୍ୱିତୀୟ ବିଶ୍ୱ ଯୁଦ୍ଧକୁ ପୃଥିବୀ ବାସି ମନେ ପକାଉଛନ୍ତି ଓ ତୃତୀୟ ବିଶ୍ୱ ଯୁଦ୍ଧକୁ ଏଡ଼ାଇବା ପାଇଁ ନାସ୍ତି କରୁଛନ୍ତି। ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେତେ ଜନ ଜୀବନ ଓ ଧନ ନଷ୍ଟ ହୋଇଛି, ଆକଳନ କଲେ ୧୯୪୫ ଠାରୁ ଆଜିଯାଏଁ ଯେତେ ଦୁଇ ପାକ୍ଷିକ ଯୁଦ୍ଧ ହୋଇଛି, ସେଥିରେ ପ୍ରଥମ ଦୁଇଟି ବିଶ୍ୱ ଯୁଦ୍ଧରୁ ପ୍ରାୟ ପଚ଼ାଶ ଗୁଣରୁ ଅଧିକ ଜନ ଜୀବନ ଓ ଧନର କ୍ଷୟ କ୍ଷତି ହୋଇ ସାରିଲାଣି। ପ୍ରଥମ ବିଶ୍ୱଯୁଦ୍ଧ ରେ ୧୭ ମିଲିୟନ ଲୋକ ମରିଥିଲେ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାୟ ୫୦-୮୦ ମିଲିୟନ ଲୋକ ମରିଥିଲେ। ଦୁଇ ଦେଶ, ଦୁଇ ଜାତି, ଦୁଇ ଧର୍ମ, ଦୁଇ ରଙ୍ଗର ଭିତରେ ଘୃଣା ଓ ବିବାଦ କେତେ ଖୋକଲା, ଯୁକ୍ତି ଓ ଅର୍ଥ ବିହୀନ ତାହା ଦୁଇ ଦେଶ, ଦୁଇ ଜାତି, ଦୁଇ ଧର୍ମ, ଦୁଇ ରଙ୍ଗର ଲୋକ ଭିତରେ ରକ୍ତ ଦାନ ଓ ଅଙ୍ଗ ଦାନ ଓ ଗ୍ରହଣରୁ ସ୍ପଷ୍ଟ ହୋଇ ଯାଉଛି। ଯୁଦ୍ଧ, ମଣିଷ ଜଙ୍ଗଲରୁ ସଂଗ୍ରହ କରି ବଞ୍ଚିବା ଦିନଠୁ ଶିଳ୍ପ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ପ୍ୟାକେଟ ଖାଦ୍ୟ ଓ ପାଣି କିଣି ବା ଯାଏଁ ଚ଼ାଲି ରହିଛି ଓ ଚ଼ାଲୁ ରହିବ ଯେତେଦିନ ଯାଏଁ ପୃଥିବୀରେ ଖାଉଟି ବାଦ୍ ରହିଥିବ। ମନସ୍ତାତ୍ତ୍ୱିକ ମାଶ୍‌ଲୋଙ୍କ ମଣିଷର ନିଡ ବା ମୌଳିକ ଆବଶ୍ୟକତା ସିଦ୍ଧାନ୍ତରେ ଦର୍ଶା ଯାଇଥିବା ଚ଼ାରୋଟି ଆବଶ୍ୟକତାରୁ ମଣିଷ ବାହାରି ପଞ୍ଚମ ଆବଶ୍ୟକତା: ଆତ୍ମ ସଚେତନତାରେ ପହଞ୍ଚି ପାରୁନାହିଁ। (୧:ଶରୀର ସମନ୍ଧୀୟ ବା physiological, ୨:ସୁରକ୍ଷା ବା ସ୍ୱବଲରମ୍ବଚ୍ଛ, ୩:ପ୍ରେମ ଓ ମୋର ଭାବନା ବା କ୍ଷକ୍ଟଙ୍ଗର ବଭୟ ଭରକ୍ଷକ୍ଟଭଶସଭଶ, ୪:ସମ୍ମାନ ବା ରସ୍ମସ୍ମରରଙ୍କ ବଭୟ ୫: ଆତ୍ମ ସଚେତନତା ବା self-actualization).ବର୍ତ୍ତମାନ ଇସ୍ରାଏଲ ଓ ପାଲେଷ୍ଟାଇନ ଓରଫ ହାମାଶ ଯୁଦ୍ଧରେ କେବଳ ଦୁଇଦେଶର ଭୌତିକ ଭୂମି ଅଧିଗ୍ରହଣ ପାଇଁ ଯୁଦ୍ଧ ଏହା ପୃଥିବୀ ବାସୀଙ୍କ ଆଖିରେ ଦିଶୁଛି କିନ୍ତୁ, ଏହାର ଆଢୁଆଳରେ ପ୍ରତ୍ୟେକ ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥଯେ ଲୁଚ଼ି ରହିଛି ତାହା ସର୍ବ ସାଧାରଣରେ ଆଲୋଚ଼ନା ହୋଇ ପାରୁନାହିଁ। ଯୁଦ୍ଧକୁ ଦେଖି ଅନେକ ପ୍ରଶ୍ନ ଉଠୁଛି ଯେପରି, ଭାରତ ଆଗରୁ ପାଲେଷ୍ଟାଇନକୁ ସମର୍ଥନ କରୁଥିଲା ଆଜି କାହିଁକି କରୁନାହିଁ? ଇସ୍ରାଏଲକୁ ଆମେରିକା, କାନାଡା ଓ ୟୁରୋପର ଅଧିକାଂଶ ଦେଶ କାହିଁକି ଧନ ଓ ଉପକରଣ ଦେଇ ସମର୍ଥନ କରୁଛନ୍ତି? ଏହି ଯୁଦ୍ଧ ତୃତୀୟ ମହା ଯୁଦ୍ଧକୁ କାହିଁକି ମୁହାଇବ? ଋଷିଆ ଓ ଚ଼ିନ୍ କାହିଁକି ପାଲେଷ୍ଟାଇନ କୁ ସମର୍ଥନ କରିବେ? ଇସ୍ରାଏଲ୍ କାହିଁକି ୧୯୪୮ ରେ ଯାଇ ରାଷ୍ଟ୍ରର ମାନ୍ୟତା ପାଇଲା? ଇସ୍ରାଏଲ ଓ ପାଲେଷ୍ଟାଇନର ଯୁଦ୍ଧକୁ ତିନୋଟି ଧର୍ମର ଧର୍ମଯୁଦ୍ଧ ବୋଲି କାହିଁକି କୁହାଯାଉଛି? କାହାକୁ ଯିରୁଶାଲମ୍ ମନ୍ଦିର ମିଳିବା ଉଚ଼ିତ୍? ମୁସଲମାନ ମାନେ ବା ହାମାଶ କାହିଁକି ଯିରୁସାଲେମ୍ ଓ ଇସ୍ରାଏଲ ଦେଶକୁ ଅଧିକାର କରିବାକୁ ଚ଼ାହାନ୍ତି? ଏସବୁ ପ୍ରଶ୍ନ କେବଳ ଶିଶୁ ମାନେ ନୁହନ୍ତି, ରାଜନୀତି ଓ ଆଇନ ପାଠ ପଢ଼ି ବି ଅନେକେ ପ୍ରଶ୍ନ କରୁଛନ୍ତି। ଏହି ସ୍ତମ୍ଭ ଲେଖାରେ ଏହି ଗୁରୁତର ପ୍ରଶ୍ନର ଗୁଡ଼ିକର ଉତ୍ତର ଦେବାର ଚେଷ୍ଟା କରାଯାଇଛି।

ପ୍ରଥମେ ବୁଝିବାକୁ ହେବ ତିନୋଟି ଧର୍ମର ଆବିର୍ଭାବର ସମୟ, ସ୍ଥାନ ଓ ପ୍ରଣେତାଙ୍କ ନାମ। ଯିହୁଦୀ ଧର୍ମର ମୁଖ୍ୟ ସ୍ରୋତ ବା ନବି, ଅବ୍ରହାମ। ଅବ୍ରହାମଙ୍କ ବଂଶଧର, ମୋଷା, ପରେ ଯିହୁଦୀ ମାନଙ୍କର ରାଜା ଦାଉଦ ଓ ତାଙ୍କ ପୁତ୍ର ଜ୍ଞାନୀ ସଲୋମନ୍। ଦାଉଦଙ୍କ ବଂଶରେ ଯୀଶୁଖ୍ରୀଷ୍ଟ, ଖ୍ରୀଷ୍ଟ ଧର୍ମର ମୂଳ, ଯିରୁସାଲେମରୁ ପ୍ରାୟ ୯.୫ କି.ମି ଦୂର ବେଥେଲିହିମରେ ୨୦୨୩ ବର୍ଷ ପୂର୍ବେ? ଯିହୁଦୀ ପରିବାରରେ ଜନ୍ମ ହୋଇ ଥିଲେ। ଯୀଶୁ ଯିରୁଶାଲେମ୍ ମନ୍ଦିରରେ ବାର ବାର ଶିକ୍ଷା ଦେଇଥିଲେ। ଯିରୁଶାଲେମ୍ ମନ୍ଦିର ପ୍ରଥମେ ରାଜା ସଲୋମନଙ୍କ ଦ୍ୱାରା ଖ୍ରୀଷ୍ଟ ପୂର୍ବ ଦଶମ ଶତାବ୍ଦୀରେ ଭବ୍ୟ ଆକୃତିରେ ତିଆରି ହୋଇ ଥିଲା। ଏହି ମନ୍ଦିର ବାବିଲୋନ, ବର୍ତ୍ତମାନର ଇରାକ ଅଞ୍ଚଳର ସାମ୍ରାଜ୍ୟବାଦ୍ ନୀତି ଯୋଗୁଁ ଖ୍ରୀଷ୍ଟ ପୂର୍ବ ୫୮୭ ଶତାବ୍ଦୀରେ ଭାଙ୍ଗି ପଡ଼ିଥିଲା। ତା'ପରେ ଯିହୁଦୀ ମାନଙ୍କ ନେତୃତ୍ୱ ଓ ପାରସ୍ୟ, ବର୍ତ୍ତମାନର ଇରାନ ଅଞ୍ଚଳର ତତ୍ତ୍ୱାବଧାନ ଓ ଧନରେ, ଖ୍ରୀଷ୍ଟ ପୂର୍ବ ୯୫୭ ବର୍ଷରେ ପୁନଃ ନିର୍ମାଣ ହୋଇ ଥିଲା। ଏହି ମନ୍ଦିର ଦ୍ୱିତିୟ ଥର ରୋମ ସମ୍ରାଟଙ୍କ ଅଧିକାର ସମୟରେ ରୋମୀୟ ସନ୍ୟମାନଙ୍କ ଦ୍ୱାରା ୭୦ ଖ୍ରୀଷ୍ଟାବ୍ଦରେ ଭାଙ୍ଗି ଦିଆ ଯାଇଥିଲା। ସେ ଯାଏଁ ଏହା କେବଳ ଯିହୁଦୀ ମାନଙ୍କର ଧର୍ମ ପୀଠ ଥିଲା। ମହମ୍ମଦ ମୁସଲମାନ ଧର୍ମର ମୂଳ, ଖ୍ରୀଷ୍ଟଙ୍କ ଜନ୍ମ ଓ ମୃତ୍ୟୁର ପ୍ରାୟ ୫୭୦ ଖ୍ରୀଷ୍ଟାବ୍ଦ ପରେ ସାଉଦି ଆରବର ମକ୍କା ସହରରେ ଜନ୍ମ ଗ୍ରହଣ କରିଥିଲେ ଓ ଯିରୁଶାଲମକୁ ମଧ୍ୟ ଯାଇ ପ୍ରଚ଼ାର କରିଥିଲେ ବୋଲି ବିଶ୍ୱାସ କରାଯାଏ।ସାମ୍ରାଜ୍ୟ ବାଦ୍: ଧନ, ଜ୍ଞାନ, ପଣ, ସମୃଦ୍ଧି ଆଣିବାରେ ଓ ବିସ୍ତାର କରିବାରେ ସାହାଯ୍ୟ କରେ। ଇତିହାସରେ ସବୁଠୁ ବଡ଼ ସାମ୍ରାଜ୍ୟ ବାଦି ହେଉଛନ୍ତି ଗ୍ରୀକ୍, ରୋମୀୟ, ବାବିଲୋନିୟ, ପାରସ୍ୟ ଓ ଇଂରେଜ ମାନେ। ଜ୍ଞାନ, ଧନ ଓ ଟେକ୍ନୋଲୋଜି, ସାମ୍ରାଜ୍ୟ ବାଦ୍ ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇ ଥାଏ। ବାରୁଦ ଓ ବନ୍ଧୁକ ଏବଂ ପରେ ଆଣବିକ ଶକ୍ତି ଯୁଦ୍ଧକୁ ଗୁଣାତ୍ମକ ଓ ଭୟାବହ କରୁଛି। ଏବେ ପୁଞ୍ଜିବାଦୀ ମାନେ ପ୍ରତ୍ୟେକ ଦେଶରେ ଏହାର ପ୍ରାୟୋଜକ ଓ ପ୍ରଭାବକ।ଦ୍ୱିତୀୟ ଥର ଇସ୍ରାଏଲଦେଶକୁ, ୭୦ ଶତାବ୍ଦୀରେ ଆକ୍ରମଣ ଓ ମନ୍ଦିର ଭାଙ୍ଗି ଦେଲା ଉତ୍ତାରେ, ଯିହୁଦୀ ମାନେ ସାରା ପୃଥିବୀରେ ଛିନ ଛତ୍ର ହୋଇ ବିଛାଇ ହୋଇ ଗଲେ। ଯିହୁଦୀ ମାନେ ଯେଉଁ ଦେଶ ମାନଙ୍କରେ ବ୍ୟବସାୟ କରୁଥିଲେ ସେହି ଦେଶ ମାନଙ୍କୁ ଚ଼ାଲିଗଲେ। ବହୁ ପୂର୍ବରୁ ଯିରୁଶାଲେମ୍ ପ୍ରଥମେ ଯିହୁଦୀ, ଦ୍ୱିତୀୟରେ ଖ୍ରୀଷ୍ଟିଆନ ମାନଙ୍କର ଧର୍ମର ଓ ବ୍ୟବସାୟର କେନ୍ଦ୍ର ବିନ୍ଦୁ ଥିଲା। ଏହା ଭୌଗୋଳିକ ଦୃଷ୍ଟିରୁ ୟୁରୋପ, ଏସିଆ ଓ ଆଫ୍ରିକାର ମିଳନ କେନ୍ଦ୍ର। ଏହି ସ୍ଥାନରେ ସବୁ ମହାଦେଶର ଲୋକଙ୍କୁ ଦେଖିବାକୁ ମିଳେ। ଧର୍ମକୁ ବ୍ୟବହାର କରି ରୋମ ରାଜା ମାନେ, ପରେ ଆରବ ଦେଶର ରାଜା ମାନେ ଓ ପରେ ୟୁରୋପୀୟ ରାଜାମାନେ ସାମ୍ରାଜ୍ୟ ବିସ୍ତାର ନୀତିରେ, ରାଜ୍ୟ ବିସ୍ତାର କରି ଚ଼ାଲିଲେ। ଧର୍ମରୁ ପ୍ରେମ, କ୍ଷମା, ତ୍ୟାଗ ଇତ୍ୟାଦି ଭାବ ସାମ୍ରାଜ୍ୟବାଦ୍ ହରଣ କରି ନେଇଗଲା ମନେ ହୁଏ।ପୃଥିବୀରେ ଯିହୁଦୀ ମାନେ ସ୍ୱଳ୍ପ ସଂଖ୍ୟକ ହେଲେ ସୁଦ୍ଧା, ଶିଳ୍ପ ପତି ଓ ନୋବେଲ ପୁରସ୍କୃତ ବିଜ୍ଞାନୀ। ଉଇକିପିଡ଼ିଆ ଲେଖେ, '୧୯୦୧ ରୁ ୨୦୨୩ ମଧ୍ୟରେ ନୋବେଲ ପୁରସ୍କାର ଏବଂ ବିଜ୍ଞାନରେ ନୋବେଲ ମେମୋରିଆଲ ପୁରସ୍କାର ପ୍ରାପ୍ତ ୯୬୫ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଅତି କମରେ ୨୧୪ ଜଣ ଯିହୁଦୀ କିମ୍ବା ଅତି କମରେ ଜଣେ ଯିହୁଦୀ ପିତାମାତା ଥିବା ବ୍ୟକ୍ତି ଅଟନ୍ତି, ଯାହାକି ସମସ୍ତ ପ୍ରାପ୍ତକର୍ତ୍ତାଙ୍କ ୨୨% ପ୍ରତିନିଧିତ୍ୱ କରିଥାଏ।' ଆଜି ସବୁ ଧର୍ମରେ ଶିଳ୍ପ ପତି ଓ ପରମାଣୁ କ୍ଷମତାପୂର୍ଣ୍ଣ ଜ୍ଞାନ କୌଶଳ ରହିଛି। ସାମ୍ରାଜ୍ୟ ବାଦ୍ ଚ଼ାହେଁ ଯେକୌଣସି ଉପାୟରେବି ନିଜର ପ୍ରତିପତ୍ତି ବିସ୍ତାର କରିବା। ମିତ୍ର ଗୋଷ୍ଠୀ ହୋଇ କିମ୍ବା, ଧନ ଓ ଜ୍ଞାନର ବ୍ୟବସାୟ କରି ହେଉ, କିମ୍ବା ବ୍ୟବସାୟ ସନ୍ଧି ସ୍ଥାପନ କରି ନିଜର ପ୍ରତିପତ୍ତି ବିସ୍ତାର କରିବା ଚେଷ୍ଟା ଜାରି ରଖିଛନ୍ତି। ସାମ୍ରାଜ୍ୟ ବାଦ୍ ପିପାସା ସବୁ ଦେଶର ପୁଞ୍ଜିପତିଙ୍କ ଇଚ଼୍ଛା। ଏହି ପୁଞ୍ଜିପତି ମାନେ ଦେଶ ଓ ବିଦେଶର ରାଜନୀତି ଓ ଯୁଦ୍ଧକୁ ପ୍ରଭାବିତ କରୁଛନ୍ତି। ଇସ୍ରାଏଲ ଓ ପାଲେଷ୍ଟାଇନ ଓରଫ ହାମାସର ଯୁଦ୍ଧ, ସାମ୍ରାଜ୍ୟବାଦର ଯୁଦ୍ଧ ମନେହୁଏ। ଏହି ଚ଼କ୍ରବ୍ୟୁହରୁ କୌଣସି ଦେଶ ଆଉ ନିରପେକ୍ଷ ହୋଇ ରହି ପାରୁନାହାନ୍ତି। ଧର୍ମ, ଭୌଗୋଳିକ ସୀମା ଓ କ୍ଷମତା, ଆଢୁଆଳରେ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ୍ ଏକ ନୀତି, ଯାହାକି ଠିଆ କରାଉଛି ସବୁ ସଭ୍ୟ ଓ ବିକଶିତ ରାଷ୍ଟ୍ରକୁ ଏକସ୍ୱରରେ କହିବା ପାଇଁ, 'ଯୁଦ୍ଧ ଏକ ଆବଶ୍ୟକୀୟ ଅମଙ୍ଗଳ'/ ୱାର ଇଜ୍ ଏ ନେସେସେରି ଏଭିଲ୍।

*ଆଇନ ଜୀବୀ ଓ ସମାଜ ସେବୀ*
*କଳାହାଣ୍ଡି, ୭୬୬୦୦୧*
*୯୪୩୭୧୦୪୩୦୩*

# ଆଦର୍ଶ ପରିବାରର ସଂଜ୍ଞା



ଶିବମ୍ ପଟ୍ଟନାୟକ

କାହିଁ କେଉଁ ଆଦ୍ୟ କାଳ ରୁ ଆମ ସନାତନ ଧର୍ମରେ ବ୍ୟକ୍ତିତ୍ୱ ଗଠନ, ସଂସ୍କାର ଶିକ୍ଷା ନିମନ୍ତେ ପରିବାର ର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚ଼ନା କରାଯାଇଛି । କଥାରେ ଅଛି – ' Family gives you roots to stand tall and strong ' ଅର୍ଥାତ୍;- ପରିବାର ଭିତରେ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ ର ମୂଳଦୁଆ ପଡ଼ିଥାଏ କ୍ଷ ପରବର୍ତ୍ତୀ କାଳରେ ସବୁ ପ୍ରକାର ପରିସ୍ଥିତି କୁ ସାମ୍ନା କରିବାପାଇଁ ତା ଭିତରେ ଧୈର୍ଯ୍ୟ ଓ ସାହସ ସ୍ୱତଃ ଜାଗ୍ରତ ହୋଇଥାଏ କ୍ଷ ଦୁନିଆର ସମ୍ମୁଖୀନ ହେବାପାଇଁ ତାହା ବ୍ୟକ୍ତିର ପୁଞ୍ଜି ରୂପରେ କାର୍ଯ୍ୟ କରେ । ତେଣୁ ପରିବାର ଭିତରେ ରହି ପ୍ରିୟ ପରିଜନଙ୍କ ସହଯୋଗ ଓ ଆଶୀର୍ବାଦ ପାଉଥିବା ବ୍ୟକ୍ତି ନିଶ୍ଚିୟ ଭାଗ୍ୟବାନ ।କିନ୍ତୁ ବର୍ତ୍ତମାନ ସମୟରେ ବଢୁଥିବା ଏକକ ପରିବାରର ସଂଖ୍ୟା, ଭାତୃ ବିବାଦ, ପାରିବାରିକ କଳହ ଆଦିକୁ ପର୍ଯ୍ୟବେକ୍ଷଣ କଲେ ଲାଗେ ଆମ ପୂର୍ବଜ ମାନଙ୍କ ଦ୍ୱାରା ରାମାୟଣ ଆଦି ମହା ଗ୍ରନ୍ଥ ରେ ଦେଇଥିବା ଆଦର୍ଶ ପରିବାର ର ସଂଜ୍ଞା ଓ ଉଦାହରଣ ର କାଳାନ୍ତର ରେ ସତେ ଯେମିତି ବିଲୟ ଘଟିଛି । ପାର୍ଥିବ ସୁଖ କାମନା କରି ସେ ପଛରେ ଦୌଡ଼ି ଦୌଡ଼ି ମଣିଷ ବର୍ତ୍ତମାନ ସ୍ୱାର୍ଥ ବିଷକୁ ପାନ କରିବାରେ ବ୍ୟସ୍ତ । ଯାହାର ପରିଣାମ ହେଉଛି ସମାଜ ର ଅଧୋଗତି କ୍ଷ ବର୍ତ୍ତମାନ ସମାଜରେ ସଂସ୍କାର, ସଂସ୍କୃତି, ନୈତିକ ମୂଲ୍ୟବୋଧ ଆଦିର ପତନ ଘଟୁଥିବା ର ଅଭିଯୋଗ ଆମ ଭିତରୁ ଅନେକ କରୁଛନ୍ତି; ମାତ୍ର ଅଭିଯୋଗ କରିବା ସମୟରେ ସେଥିରେ ଆମେ ମାନେ ମଧ୍ୟ କିଞ୍ଚିତ ମାତ୍ରାରେ ଅଂଶୀଦାର ସେ ବିଷୟରେ ବିଚ଼ରା କରିବାକୁ କିମ୍ବା ସ୍ୱୀକାର କରିବା ପାଇଁ ଆମେ ନାରାଜ । ଆଧୁନିକତା ନାଁ ରେ ଆମେ ବିଚ଼ାର ଶକ୍ତି ଶୂନ୍ୟ ହୋଇ ଅନ୍ଧ ଭଳି ପାଶ୍ଚାତ୍ୟ ସଂସ୍କୃତିର ଅନୁସରଣରେ ବ୍ୟସ୍ତ କ୍ଷ ଫଳରେ କାଳାନ୍ତର ରେ ଅନେକ କୁସଂସ୍କାର ର ଆମ ସମାଜ ମଧ୍ୟକୁ ପ୍ରବେଶ କରିସାରିଲେଣି। ବ୍ୟକ୍ତିଗତ ସ୍ୱାଧୀନତା ନାଁ ରେ ପୋଷାକ ପରିପାଟୀ , ଖାଦ୍ୟପେୟ ଭାଷା, ଚ଼ାଲିଚ଼ଳନ ରେ ଅହେତୁକ ପରିବର୍ତ୍ତନ ଆଣିବା , ପରିବାରର ସମସ୍ତଙ୍କ ଠାରୁ ଅଲଗା ହୋଇ ଏକକ ପରିବାରରେ ବାସ କରିବା ସବୁକୁ ଆମେ ପ୍ରାଧାନ୍ୟ ଦେଇଚ଼ାଲିଚେ । କହିବା ବାହୁଲ୍ୟ ଏହା ଆମ ଭବିଷ୍ୟତ ସମାଜ ପାଇଁ ବିରାଟ ଦୁର୍ଗତି କୁ ଡାକି ଆଣୁଛି । ପରମ୍ପରା କଳୁଷିତ ହେଉଛି । ସମାଜ ହେଉଛି ପଥଭ୍ରଷ୍ଟ କ୍ଷ ଆମ ସମାଜରୁ ପରିବାରର ସଂଜ୍ଞା ଏବଂ ସ୍ଥିତି ବର୍ତ୍ତମାନ ବିଲୁପ୍ତ ପ୍ରାୟ ।ପରସ୍ପର ସ୍ନେହ, ଆଦର, ପ୍ରେମ, ସୌହାର୍ଦ୍ଦ୍ୟ ପରିବାରକୁ ମର୍ତ୍ତ୍ୟ ବୈକୁଣ୍ଠ ରେ ପରିଣତ କରିଥାଏ । ଠିକ୍ ସେହିଭଳି ଯଦି ପରିବାର ସଦସ୍ୟ ସାମୁହିକ ସହାବସ୍ଥାନ କୁ ନା ପସନ୍ଦ କରନ୍ତି; ନିଜ ନିଜ ର ସ୍ୱାର୍ଥ କୁ ଗୁରୁତ୍ୱ ଦେଇ ଯୌଥ ପରିବାର ବଦଳରେ ଏକକ ପରିବାର ରେ ରହିବାକୁ ପସନ୍ଦ କରନ୍ତି ତେବେ ସେ ପରିବାର ହୁଏ ବିଶୃଙ୍ଖଳିତ । ଉତ୍ତର ଦାୟଦ ମାନେ କୁ ସଂସ୍କାରି ହୋଇ ଥାଆନ୍ତି । ତେଣୁ ଆଦର୍ଶ ପରିବାର ନିର୍ମାଣ ପ୍ରତି ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ।

*କଳନ୍ତିରା, ବିରିଡି, ଜଗତସିଂପୁର*
*ମୋ :୯୦୭୮୨୦୫୭୭୭*




# ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ-୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବିର୍ତ୍ତୀ ସମରେ କୃଷି ବିଶେଷଜ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି। ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**– ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**– ପ୍ରକାଶ ପଲେଇ, ବଉଳାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**– ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**



- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖିଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡ଼େନିଂ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଂ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।

**ଉପକାରିତା –**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି



କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ–**

ଯଦିଓ ରୁଫଟପ୍ ଗାର୍ଡ଼େନିଂ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଂରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।



ସୁତରାଂ ରୁଫଟପ୍ ଗାର୍ଡ଼େନିଂରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃିତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।

# ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

ଇଂ ଅଭୟ ସୂତାର

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ୍ୟ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଢାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଡ଼ାଙ୍ଗରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍‌ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ୍ୟ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ୍ୟ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି । କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**

